OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

# ଉତ୍କଳୀୟ ଲୋକ ଜୀବନର ଦର୍ଶନ : ଲୋକକଥା ଓ ପ୍ରବାଦ-ପ୍ରବଚନରେ ନୀତିଶିକ୍ଷା



**ଚନ୍ଦନ ବିଶ୍ୱକର୍ମା**

ଗବେଷକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମ
ଦୂରଭାଷ - ୭୬୮୪୮୭୪୨୪୭

Article No. 261001
Article Received On: 31-08-2026
Article Published On: 01-10-2026

**ସାରାଂଶ** - ଓଡ଼ିଆ ଲୋକ ସାହିତ୍ୟ ମଧ୍ୟରେ ସଞ୍ଚିତ ହୋଇ ରହିଛି ଶତାବ୍ଦୀ ଶତାବ୍ଦୀର ଜୀବନ ଦର୍ଶନ, ସାମାଜିକ ଅନୁଭୂତି ଏବଂ ଗଭୀର ନୈତିକ ବାର୍ତ୍ତା । ଗ୍ରାମୀଣ ଜୀବନ ମାନସରୁ ଜନ୍ମ ନେଇଥିବା ଲୋକକଥା ଏବଂ ପ୍ରବାଦ-ପ୍ରବଚନ ମଧ୍ୟରେ ଥିବା ସାମାଜିକ ସଂସ୍କାର ତଥା ମାନବିକ ମୂଲ୍ୟବୋଧର ବିଭିନ୍ନ ଦିଗକୁ ଏହି ପ୍ରବନ୍ଧରେ ତାତ୍ତ୍ୱିକ ଭାବେ ଆଲୋଚନା କରାଯାଇଛି । ମୌଖିକ ରୂପରେ ଗତିଶୀଳ ଏହି ସାହିତ୍ୟିକ ସମ୍ପଦ ଯୁଗ ଯୁଗ ଧରି ଓଡ଼ିଆ

---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ଜନଜୀବନକୁ ଏକ ସୁସ୍ଥ ମାର୍ଗରେ ପରିଚାଳିତ କରିବାରେ ମୁଖ୍ୟ ସୂତ୍ରଧର ସାଜିଛି । ଓଡ଼ିଶାର ପାରମ୍ପରିକ ଗଳ୍ପ, ରୂପକ କାହାଣୀ ଏବଂ ସାଧବ ପୁଅର ଗାଥାଗୁଡ଼ିକ ଶିଶୁମାନଙ୍କ ମନରେ ସତ୍ୟର ମହତ୍ତ୍ୱ, ସଂଯମତା, ପରୋପକାର ଏବଂ କଠିନ ସମୟରେ ଧୈର୍ଯ୍ୟ ରଖିବାର ମାନସିକତା ଗଠନ କରିଥାଏ । ଲୋଭର କୁପରିଣାମ ଓ ଅହଂକାରର ପତନ ଭଳି ଜଟିଳ ସାମାଜିକ ସତ୍ୟକୁ ଏହି ଗଳ୍ପଗୁଡ଼ିକ ଅତି ସହଜରେ ଶିଶୁ ମାନସପଟରେ ସ୍ଥାପିତ କରି ଚରିତ୍ର ଗଠନର ପ୍ରାଥମିକ ଭିତ୍ତି ସ୍ଥାପନ କରେ । ଏହା ଶିଶୁମାନଙ୍କୁ ଭବିଷ୍ୟତ ପାଇଁ ଏକ ସଚେତନ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ିତୋଳିବାରେ ସହାୟକ ହୋଇଥାଏ । ସେହିପରି ଦୈନନ୍ଦିନ ଜୀବନର ଅନୁଭୂତିରୁ ସୃଷ୍ଟି ହୋଇଥିବା ପ୍ରବାଦ-ପ୍ରବଚନଗୁଡ଼ିକ ସ୍ୱଳ୍ପ ଶବ୍ଦରେ ବ୍ୟାପକ ଅର୍ଥ ପ୍ରକାଶ କରିଥାନ୍ତି । ଏହି ଆପ୍ତବାକ୍ୟଗୁଡ଼ିକ ସାଧାରଣ ମଣିଷକୁ କର୍ମଠ, ଆତ୍ମନିର୍ଭରଶୀଳ ଏବଂ ସମୟାନୁବର୍ତ୍ତୀ ହେବା ପାଇଁ ବାଟ ଦେଖାଇଥାଏ । ପାରିବାରିକ ସଂହତି ରକ୍ଷା କରିବା, ସମାଜରେ ସତର୍କତା ଅବଲମ୍ବନ କରିବା ଏବଂ ବ୍ୟାବହାରିକ ଜ୍ଞାନର ଉପଯୋଗ କରିବା ପାଇଁ ଏଗୁଡ଼ିକ ସାଧାରଣ ଜନତା ପାଇଁ ପଥପ୍ରଦର୍ଶକ ସଦୃଶ କାର୍ଯ୍ୟ କରିଥାନ୍ତି । ସାମ୍ପ୍ରତିକ ସମୟର ବିଶ୍ୱାୟନ(Globalization), ଆଧୁନିକତା ଏବଂ ଯାନ୍ତ୍ରିକ ଜୀବନଶୈଳୀ ଯୋଗୁଁ ଆମ ସମାଜରେ ମାନବିକ ସମ୍ପର୍କ ଓ ନୈତିକତାର ଯେଉଁ ତୀବ୍ର

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10
ବଣମଲ୍ଲୀର ମହକ
ISSN : 3108-2041

ଅବକ୍ଷୟ ଘଟୁଛି, ତାକୁ ରୋକିବା ପାଇଁ ଏହି ମୌଖିକ ଲୋକଜ୍ଞାନର ପୁନରୁଦ୍ଧାର ଏକାନ୍ତ ଜରୁରୀ । କାରଣ ଏହା ହିଁ ଆଗାମୀ ପିଢ଼ି ପାଇଁ ଏକ ମୂଲ୍ୟବୋଧଭିତ୍ତିକ, ସୁସ୍ଥ ଓ ଚରିତ୍ରବାନ ସମାଜ ଗଠନର ପ୍ରକୃତ ଉତ୍ସ ଭାବେ ପ୍ରମାଣିତ ହେବ ।

**ପ୍ରମୁଖ ଶବ୍ଦ –** ଉତ୍କଳୀୟ ଜ୍ଞାନ ପରମ୍ପରା, ଓଡ଼ିଆ ଲୋକକଥା, ପ୍ରବାଦ-ପ୍ରବଚନ, ନୀତିଚେତନା, ମାନବିକ ମୂଲ୍ୟବୋଧ, ସାମାଜିକ ସଂସ୍କାର, ବ୍ୟାବହାରିକ ଜ୍ଞାନ, କର୍ମବାଦ, ସାର୍ବକାଳିକ ସତ୍ୟ, ଜୀବନ ଦର୍ଶନ, ସାଂସ୍କୃତିକ ଆଦର୍ଶ, ଚରିତ୍ର ଗଠନ, ପାରିବାରିକ ସଂହତି, ସାମାଜିକ ନିୟନ୍ତ୍ରଣ, ଲୋକ ପ୍ରଜ୍ଞା ।

ବିଶିଷ୍ଟ ଦାର୍ଶନିକ ଆରିଷ୍ଟୋଟଲ୍‌ଙ୍କ ମତରେ, **"Man is a social animal"** ଅର୍ଥାତ୍ ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜ ମଧ୍ୟରେ ହିଁ ତା'ର ଜୀବନ ବିକଶିତ ହୁଏ, ସମ୍ପର୍କ ଗଢ଼ିଉଠେ ଏବଂ ଚେତନାର ବିସ୍ତାର ଘଟେ । ଏହି ସାମାଜିକ ଜୀବନକୁ ସୁଗମ, ଶୃଙ୍ଖଳିତ ଏବଂ ସଂସ୍କାରଯୁକ୍ତ କରିବା ପାଇଁ ଆବହମାନ କାଳରୁ ନୀତିଶିକ୍ଷା ଓ ମୂଲ୍ୟବୋଧର ଆବଶ୍ୟକତା ରହିଆସିଛି । ସମାଜର ବିପଥଗାମୀ, ସ୍ୱାର୍ଥପର ଓ ଅବ୍ୟବସ୍ଥିତ ରୂପକୁ ଅତି ନିକଟରୁ ଦେଖି ମହାପୁରୁଷମାନେ ବିଭିନ୍ନ ସମୟରେ ମାନବ ଜାତିର କଲ୍ୟାଣ ପାଇଁ ମହତ୍ ବାଣୀମାନ ପ୍ରଦାନ କରିଯାଇଛନ୍ତି । ଓଡ଼ିଆ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ଭାଗବତରେ ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି, **"ମହତେ ଯାହା ଆଚରିବେ, ଇତରେ ତାହା ହିଁ କରିବେ"** - ଅର୍ଥାତ୍, ସମାଜ ଯେତେବେଳେ ଦିଗହରା ହୁଏ, ସେତେବେଳେ ସମାଜର ସେହି ପ୍ରଜ୍ଞାବାନ ମହତ୍ ବ୍ୟକ୍ତିମାନଙ୍କର ଆଦର୍ଶ ହିଁ ଆଗାମୀ ପିଢ଼ି ପାଇଁ ପଥପ୍ରଦର୍ଶକ ସାଜିଥାଏ । କାହିଁ କେଉଁ କାଳରୁ ସମାଜରେ ସଂସ୍କାର ଆଣିବା ପାଇଁ ମାଟିର ଜଣେ ଜଣେ ଅଜ୍ଞାତ ଲୋକ-କବି ନିଜ ମୁଖରୁ ସହଜ-ସରଳ କାହାଣୀଟିଏ ବା ପ୍ରବାଦ-ପ୍ରବଚନଟିଏ କହି ଦେଇଯାଇଛନ୍ତି, ଯାହା କାଳକ୍ରମେ ସମାଜ ଗଠନର ମୂଳଦୁଆ ପାଲଟିଛି । ସେହି ଲୋକ-କବିମାନଙ୍କର ଏହି ପ୍ରଦତ୍ତ ବାଣୀ କୌଣସି ଶାସନ କିମ୍ବା କଠୋର ଆଇନର ଚାପ ବିନା, କେବଳ ପ୍ରେମ ଓ ନୈତିକତାର ବନ୍ଧନରେ ସମାଜକୁ ଶୃଙ୍ଖଳିତ କରିବାରେ ଏକ ଅଦୃଶ୍ୟ ସାମାଜିକ ନିୟନ୍ତ୍ରକ ସଦୃଶ କାର୍ଯ୍ୟ କରିଆସିଛି । ପୁସ୍ତକଗତ ବା ପ୍ରାତିଷ୍ଠାନିକ ଶିକ୍ଷାର ପ୍ରସାର ପୂର୍ବରୁ ମଧ୍ୟ ଜନମାନସକୁ ନୈତିକତାର ପାଠ ପଢ଼ାଇବାରେ ଓଡ଼ିଆ ଲୋକକଥା ଏବଂ ପ୍ରବାଦ-ପ୍ରବଚନଗୁଡ଼ିକ ଏକ ସାମାଜିକ ଅସ୍ତ୍ର ଭାବେ ସର୍ବଦା ବ୍ୟବହୃତ ହୋଇଆସିଛନ୍ତି ।

ଏହି କ୍ରମରେ ଓଡ଼ିଆ ଲୋକକଥାର ମହତ୍ତ୍ୱ ଅତ୍ୟନ୍ତ ଗଭୀର ଓ ବ୍ୟାପକ । ଗ୍ରାମୀଣ ପରିବେଶରେ ଜେଜେମା' ବା ଆଇମା' କୋଳରୁ ଜନ୍ମ ନେଇଥିବା ଏହି କାହାଣୀଗୁଡ଼ିକ କେବଳ ଶିଶୁମାନଙ୍କ ମନୋରଞ୍ଜନ ପାଇଁ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ଉଦ୍ଦିଷ୍ଟ ନୁହନ୍ତି, ବରଂ ଶୈଶବରୁ ହିଁ ମାନବିକ ଗୁଣାବଳୀର ମଞ୍ଜି ବୁଣିବା ପାଇଁ ପ୍ରକୃତ ସୂତ୍ର ଅଟନ୍ତି । ବିଭିନ୍ନ ପାରମ୍ପରିକ ଗଳ୍ପ, ସାଧବ ପୁଅର ଗାଥା କିମ୍ବା ପଶୁପକ୍ଷୀଙ୍କ ରୂପକ କାହାଣୀ ମାଧ୍ୟମରେ ସତ୍ୟର ମହତ୍ତ୍ୱ, ଅସତ୍ୟର ପରାଜୟ, ଅତିଲୋଭର ଭୟଙ୍କର ପରିଣାମ ଏବଂ ବିପଦ ସମୟରେ ଧୈର୍ଯ୍ୟ ଓ ବୁଦ୍ଧିର ପ୍ରୟୋଗ ଭଳି ଜଟିଳ ଜୀବନ ଦର୍ଶନକୁ ଅତି ସରଳ ଭାଷାରେ ବୁଝାଇ ଦିଆଯାଏ । ଏହି ଲୋକକଥାଗୁଡ଼ିକ ଶିଶୁର କଳ୍ପନା ଶକ୍ତିକୁ ବଢ଼ାଇବା ସହ ତା'ର ଚରିତ୍ର ଗଠନର ପ୍ରାଥମିକ ଭିତ୍ତିଭୂମି ସ୍ଥାପନ କରିଥାନ୍ତି, ଯାହା ତାକୁ ସମାଜରେ ଜଣେ ସୁନାଗରିକ ଭାବେ ଉଭା ହେବାରେ ସାହାଯ୍ୟ କରେ । ଲୋକକଥା ଭଳି ଓଡ଼ିଆ ପ୍ରବାଦ-ପ୍ରବଚନ ମହତ୍ତ୍ୱ ମଧ୍ୟ ଅନନ୍ୟ । ଗ୍ରାମୀଣ ଜୀବନର ଦୀର୍ଘଦିନର ଅନୁଭୂତି ଏବଂ କଠିନ ସତ୍ୟରୁ ନିଗଡ଼ିତ ଏହି ଆପ୍ତବାକ୍ୟଗୁଡ଼ିକ ସ୍ୱଳ୍ପ ଶବ୍ଦରେ ବ୍ୟାପକ ସାମାଜିକ ଶିକ୍ଷା ପ୍ରଦାନ କରିଥାନ୍ତି । ଏଗୁଡ଼ିକ କେବଳ ଶବ୍ଦର ଚାତୁରୀ ନୁହଁନ୍ତି, ବରଂ ସାଧାରଣ ମଣିଷକୁ କର୍ମଠ ହେବା, ଆତ୍ମନିର୍ଭରଶୀଳ ହେବା ଏବଂ ପ୍ରତିଟି ପଦକ୍ଷେପରେ ସତର୍କ ଓ ସମୟାନୁବର୍ତ୍ତୀ ହେବା ପାଇଁ ବ୍ୟାବହାରିକ ଜ୍ଞାନର ଅମୂଲ୍ୟ ଗନ୍ତାଘର ଅଟନ୍ତି । ସମାଜରେ କାହା ସହ କିଭଳି ବ୍ୟବହାର କରିବାକୁ ହେବ, କେଉଁ କାର୍ଯ୍ୟ କଲେ ସୁନାମ ମିଳିବ ଏବଂ କେଉଁ ଅଭ୍ୟାସ ଦ୍ୱାରା ମଣିଷର ପତନ ଘଟିବ, ତାହା ଏହି ଲୋକ-ବାଣୀଗୁଡ଼ିକ ଅତି ସହଜରେ ଚେତାଇ ଦିଅନ୍ତି । ବ୍ୟକ୍ତିବାଦୀ ଅହଂକାରକୁ ଦୂର କରି ପାରିବାରିକ ସଂହତି ରକ୍ଷା କରିବା,

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10
ବଣମଲ୍ଲୀର ମହକ
ISSN : 3108-2041

ସାମାଜିକ ସଂସ୍କାର ଆଣିବା ଏବଂ ମଣିଷ ଭିତରେ ଲୁଚି ରହିଥିବା ପାଶବିକ ପ୍ରବୃତ୍ତିକୁ ଦମନ କରି ମାନବିକତାର ବିକାଶ କରିବା ଦିଗରେ ଏମାନଙ୍କର ଅବଦାନ ଅତୁଳନୀୟ ।

**କାହାଣୀର ଆଢୁଆଳରେ ଜୀବନ ଦର୍ଶନ: ଲୋକକଥାରେ ନୀତିଶିକ୍ଷାର ସ୍ୱର-**

'ଲୋକକଥା' ହେଉଛି ମାନବ ସଭ୍ୟତାର ସବୁଠାରୁ ପ୍ରାଚୀନ ଏବଂ ଅକୃତ୍ରିମ ସାରସ୍ୱତ ସୃଷ୍ଟି । ଲୋକକଥାକୁ ଇଂରାଜୀରେ 'Folktale' ବୋଲି କୁହାଯାଏ । ଏହାର ଅନ୍ୟ କେତେକ ସମ ପର୍ଯ୍ୟାୟବାଚୀ ଶବ୍ଦ ମଧ୍ୟରେ 'ଲୋକଗଳ୍ପ', 'ଲୋକକାହାଣୀ' ଆଦି ଅନ୍ୟତମ । ଲୋକକଥା କୌଣସି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା କାଗଜ-କଲମରେ ଲିଖିତ ସାହିତ୍ୟ ନୁହେଁ, ବରଂ ଗ୍ରାମୀଣ ଜନଜୀବନର ସାମୂହିକ ଅନୁଭୂତି, କଳ୍ପନା ଓ ବିଶ୍ୱାସରୁ ଜନ୍ମ ନେଇଥିବା ଏକ ମୌଖିକ କଳା । ଏହି କାହାଣୀଗୁଡ଼ିକ ଆମ ଉତ୍କଳର ସଂସ୍କୃତି, ପରମ୍ପରା, ସାମାଜିକ ଚଳଣି ଏବଂ ଆଧ୍ୟାତ୍ମିକ ଚେତନା ସହିତ ନିବିଡ଼ ଭାବେ ଜଡ଼ିତ । ଅନାଦି କାଳରୁ ଓଡ଼ିଶାର ମାଟି, ପାଣି ଓ ପବନରେ ଏହି କାହାଣୀଗୁଡ଼ିକ ଶ୍ରୁତି ଓ ସ୍ମୃତି ମାଧ୍ୟମରେ ପିଢ଼ି ପରେ ପିଢ଼ି ଗତିଶୀଳ ହୋଇ ଚାଲିଆସିଛନ୍ତି । ଏହି ଲୋକକଥାଗୁଡ଼ିକର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ଭାଷାର ସରଳତା ଏବଂ ଆବେଗର ସ୍ୱାଭାବିକତା । ଏଥିରେ କୌଣସି ଜଟିଳ ବ୍ୟାକରଣ କିମ୍ବା ଶବ୍ଦର ଆଡମ୍ବରତା ନଥାଏ, ବରଂ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

ସାଧାରଣ ଓଡ଼ିଆ ମଣିଷର ଦୈନନ୍ଦିନ ଘରକରଣା, ପାରିବାରିକ ସ୍ନେହ, ପୂଜାବିଧି, ବ୍ରତ-ଓଷା ଓ ଆଶା-ଆକାଂକ୍ଷାର ଅତି ଜୀବନ୍ତ ପ୍ରତିଫଳନ ଥାଏ । ଓଡ଼ିଆ ଲୋକକଥା ମଧ୍ୟରେ କେବଳ ମଣିଷ ନୁହେଁ, ବରଂ ଗଛପତ୍ର, ପଶୁପକ୍ଷୀ, ନଦୀ-ନାଳ, ଏପରିକି ଦେବଦେବୀ ଓ ଭୂତ-ପ୍ରେତମାନେ ମଧ୍ୟ ଆମ ନିଜ ଗାଁର ଚରିତ୍ର ଭାବେ ଆସି ସାଂସ୍କୃତିକ ଜୀବନର କଥା କୁହନ୍ତି । ଏହି ସାଧାରଣୀକରଣ ପ୍ରବୃତ୍ତି ଯୋଗୁଁ ହିଁ ଲୋକକଥା ଉତ୍କଳୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି ଏବଂ ଜନମାନସ ସହ ଏକାତ୍ମ ହୋଇଯାଇଛି । ଓଡ଼ିଆ ଲୋକକଥାଗୁଡ଼ିକର ପ୍ରଧାନ ଅଭିପ୍ରାୟ ହେଉଛି ନୀତିଶିକ୍ଷା ପ୍ରଦାନ । ଏହି ଗଳ୍ପଗୁଡ଼ିକ କେବଳ ମନୋରଞ୍ଜନ କିମ୍ବା ସମୟ କାଟିବାର ମାଧ୍ୟମ ନୁହନ୍ତି, ବରଂ ଏହା ମାନବ ସମାଜକୁ ସତ୍‌ମାର୍ଗ ଦେଖାଇବାର ଏକ ଏକ ଆଲୋକବର୍ତ୍ତିକା । ଆମ ସଂସ୍କୃତିରେ ପ୍ରତ୍ୟେକ ଗଳ୍ପ ପଛରେ କିଛି ନା କିଛି ନୀତିଶିକ୍ଷା ଲୁଚି ରହିଥାଏ । ସମାଜରେ ଶାନ୍ତି ପ୍ରତିଷ୍ଠା, ନ୍ୟାୟ ଓ ନୀତିର ପ୍ରତିଷ୍ଠା ଏବଂ ପାପ ତଥା ଅନ୍ୟାୟର ଦୂରୀକରଣ, ମାନବିକ ଚରିତ୍ର ଗଠନ ଏବଂ ନୈତିକତାର ବିକାଶ ଉପରେ ଲୋକକଥାଗୁଡ଼ିକରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଥାଏ । ଲୋକକଥାଗୁଡ଼ିକରେ ସାଧାରଣତଃ ଦେଖିବାକୁ ମିଳେ ଯେ ଦୁଷ୍ଟ ଚରିତ୍ରକୁ ତା'ର କୁକର୍ମ ପାଇଁ କଠୋର ଦଣ୍ଡ ମିଳିଥାଏ ଏବଂ ନ୍ୟାୟ, ଧର୍ମ ଓ ପୁଣ୍ୟର ସଦାବେଳେ ଜୟଗାନ କରାଯାଇଥାଏ । ଏହା ସାଧାରଣ ପାଠକ ମନରେ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

ସତ୍ୟ ପଥରେ ଚାଲିବାରଏକ ସ୍ୱାଭାବିକ ପ୍ରେରଣା ସୃଷ୍ଟି କରେ।ଉତ୍କଳୀୟ ଲୋକକଥାଗୁଡିକରେ ନୀତିଶିକ୍ଷା ପ୍ରସଙ୍ଗ ଆଲୋଚନା କରିବାକୁ ଗଲାବେଳେ 'କର୍ମ ମୋହର ନିଜ ଗୁରୁ', 'ସବୁ ସରିଗଲା ନା ହରି ରଖିବାକୁ ବଳ ରହିଲା', ଯେମିତି କାମକୁ ସେମିତି ଫଳ ପରା', 'ଯେଣେ ଯିବୁ ତେଣେ ଯା କର୍ମ ଘେନି ବୁଲୁଥା', 'ଧନରେ ଧର୍ମ କର ନହେଲେ ଧନ ହୋଇବ ଜ୍ବର', 'ଯାହା ମନ ଯେମିତି ତା ଫଳ ସେମିତି', 'ଯାହା ଯୋଗ ଯହିଁକି ଭାବନା କର କାହିଁକି', 'ଦୁଇ ମଇତ୍ର କଥା', 'ମୁହଁ ଆଣ୍ଠ ନ ଛାଡ଼ଇ', 'ବଉଳା ଗାଈ କଥା', 'ସିଂହ ଆଉ ଠେକୁଆ କଥା', 'ଗୁଣକୁ ପୂଜା ଅବିଗୁଣକୁ ବଜା ବଜା', 'ଯେହୁ ଚିନ୍ତଇ ପରମନ୍ଦ', 'ସର୍ବଜାଣ ଚଢେଇ', 'କୃପଣର ତିନି ଗୁଣ ସରେ', 'ଅଳସୁଆ', 'ବଳ ତ ବଳ ବୁଦ୍ଧି ବଳ', 'କଲୁରି ବେଣ୍ଟ କଥା', 'ଯେଷାକୁ ତେଷା', 'ସୁନା ଝରଣା', 'କଞ୍ଚନବତୀ କଥା', 'ଭାଇଭଉଣୀ', 'ଦି ଭାଇ ବୁଢୀ ଅସୁରୁଣୀ କଥା', 'ଖଣ୍ଡିଆ ଲାଙ୍ଗୁଡ କଥା', 'ଠେକୁଆ କଥା', 'ବିଲୁଆ ଆଉ ଟମ୍ ଟମ୍ କଥା', ଆଦି ଲୋକକଥା ଗୁଡିକରେ ସମାଜର ମଙ୍ଗଳ ସାଧନାର୍ଥେ ନୀତିଶିକ୍ଷାମୂଳକ ବାର୍ତ୍ତାମାନ ପ୍ରଦାନ କରାଯାଇଛି ।

**'କର୍ମ ମୋହର ନିଜ ଗୁରୁ'**- ନାମରେ ପ୍ରଚଳିତ ଲୋକକଥାରେ ରାଜାଙ୍କର ତିନିପୁଅ ମଧ୍ୟରୁ ସାନପୁଅ ମୁଖରେ କର୍ମର ମହତ୍ତ୍ୱ ପ୍ରତିପାଦନ କରାଯାଇଛି । ରାଜା ତିନିପୁଅଙ୍କୁ ପରଖିବା ପାଇଁ ତାଙ୍କୁ ରାଜ୍ୟରୁ ବାହାରକୁ ପ୍ରେରଣା

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

କରିଛନ୍ତି ଏବଂ ପୁତ୍ରମାନେ ଭିନ୍ନ ରାଜ୍ୟରେ ଯାଇ ପହଁଚିଛନ୍ତି । ବଡ ପୁଅ ଏବଂ ମଝିଆଁ ପୁଅ ନିର୍ବୁଦ୍ଧିଆ ଥିବାରୁ ମୃତ୍ୟୁ ମୁଖରେ ପଡିଛନ୍ତି । ସାନ ପୁଅ ଯାଇ ରାଜା ବିଶ୍ୱଜିତଙ୍କ ରାଜ୍ୟରେ ପହଞ୍ଚିଛି । ଇତି ମଧ୍ୟରେ ଥରେ ଲକ୍ଷ୍ମୀ, ସରସ୍ୱତୀ, ଧର୍ମ ଓ କର୍ମ ମଧ୍ୟରେ କନ୍ଦଳ ଲାଗିଲା କିଏ ବଡ ବୋଲି । ସ୍ୱର୍ଗରେ କନ୍ଦଳର ସମାଧାନ ନ ହେବାରୁ ସେମାନେ ଆସି ମର୍ତ୍ତ୍ୟରେ ରାଜା ବିଶ୍ୱଜିତଙ୍କ ନିକଟରେ ପହଁଞ୍ଚିଲେ । ରାଜା ଦ୍ୱନ୍ଦ୍ୱରେ ପଡି କାହାକୁ ବଡ଼ ଘୋଷଣା କରିବେ; ରାଜ୍ୟରେ ପ୍ରଚାର କରିଦେଲେ ଯେ ଯିଏ ଏହାର ସମାଧାନ କରିଦେବ ତ ସହ ଜେମାଙ୍କୁ ସେ ବିବାହ ଦେବେ । ସାନ ପୁଅ ଏହା ଶୁଣି ରାଜାଙ୍କ ନିକଟରେ ପହଞ୍ଚି ନିଜର ଅନୁଭୂତି ତଥା ଅଭିଜ୍ଞତା ଦ୍ୱାରା ଅର୍ଜନ କରିଥିବା ବୁଦ୍ଧି ବଳରେ କର୍ମ ବଡ ବୋଲି ପ୍ରତିପାଦନ କଲା; ଯେଉଁଥିରେ ଦେବୀମାନେ ଖୁସିହୋଇ ଆଶୀର୍ବାଦ କରି ଚାଲିଗଲେ ଏବଂ ସାନପୁଅ ରାଜଜେମାଙ୍କୁ ବିଭାହୋଇ ସୁଖରେ ରହିଲା । ଏହି ଲୋକକଥା ସମାଜକୁ ଏହି ଶିକ୍ଷା ଦିଏ ଯେ,ମଣିଷର ନିଜ କାର୍ଯ୍ୟ ବା କର୍ମ ହିଁ ତାର ସବୁଠାରୁ ବଡ଼ ମାର୍ଗଦର୍ଶକ ଏବଂ ଶିକ୍ଷାଦାତା । ଜୀବନର ଚଲାପଥରେ ଜଣେ ବ୍ୟକ୍ତି ପୁସ୍ତକ ପଢ଼ି ବା ଅନ୍ୟମାନଙ୍କ ଉପଦେଶରୁ ଯେତିକି ନ ଶିଖେ, ସେ ନିଜେ କାର୍ଯ୍ୟ କରିବା ସମୟରେ ଘଟୁଥିବା ଭୁଲ୍ ଓ ଠିକ୍‌ରୁ ତା'ଠାରୁ ଅଧିକ ବାସ୍ତବ ଜ୍ଞାନ ଆହରଣ କରିଥାଏ । ଏହି ନୀତିଶିକ୍ଷା ମଣିଷକୁ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

ଅଳସୁଆ ବା ଭାଗ୍ୟବାଦୀ ନହୋଇ ସଦାବେଳେ କର୍ମବାଦୀ ହେବାକୁ ପ୍ରେରଣା ଦେଇଥାଏ । ସମାଜ ମଙ୍ଗଳ ଦୃଷ୍ଟିରୁ ବିଚାର କଲେ, ଯଦି ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ କର୍ମକୁ ନିଜର ଗୁରୁ ବୋଲି ମାନିବେ, ତେବେ ସେମାନଙ୍କ ମଧ୍ୟରେ ସ୍ୱତଃ ଏକ ଦାୟିତ୍ୱବୋଧତା ସୃଷ୍ଟି ହେବ । ତେଣୁ, ଏହି ସହଜ ସରଳ ଲୋକକଥାଟି ସମାଜରେ ବ୍ୟକ୍ତିକୁ ଆତ୍ମନିର୍ଭରଶୀଳ ଏବଂ କର୍ତ୍ତବ୍ୟପରାୟଣ ହେବାର ଏକ ମହାନ ଶିକ୍ଷା ପ୍ରଦାନ କରିଥାଏ ।

**'ଧନରେ ଧର୍ମ କର ନହେଲେ ଧନ ହୋଇବ ଜ୍ୱର'** - ଲୋକକଥାରେ ଯଦି ଜଣେ ବ୍ୟକ୍ତି ପାଖରେ ଧନ ବା ସମ୍ପତ୍ତି ଅଛି, ତେବେ ସେ ସେହି ଧନକୁ କେବଳ ନିଜ ସୁଖ-ବିଳାସରେ ନ ସାରି ଗରିବ, ଦୁଃଖୀ ଏବଂ ଅସହାୟ ଲୋକଙ୍କ ସେବା ବା ସାମାଜିକ କଲ୍ୟାଣ  କାର୍ଯ୍ୟରେ ଲଗାଇବା ଉଚିତ ବୋଲି ବାର୍ତ୍ତା ଦିଆଯାଇଛି । ଯଦି ମଣିଷ ଧନ ପାଇ ଅହଂକାରୀ ହୋଇଯାଏ ଏବଂ କୃପଣ ସାଜି କୌଣସି ପୁଣ୍ୟ ବା ଦାନ କାର୍ଯ୍ୟ କରେ ନାହିଁ, ତେବେ ତାର ସେହି ଅପାର ଧନ ଓ ପୂର୍ବ ଅର୍ଜିତ ପୁଣ୍ୟ ଧୀରେ ଧୀରେ କ୍ଷୟ (ଜ୍ୱର) ହୋଇଯାଏ । ଏହାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ, ଯେଉଁଠି ଧନର ଅହଂକାରରେ ବୁଡ଼ି ରହିଥିବା ବ୍ୟକ୍ତି ଶେଷରେ ସର୍ବସ୍ୱ ହରାଇ ଭିକାରୀ ପାଲଟିଯାଏ । ସମାଜ ମଙ୍ଗଳ ଦୃଷ୍ଟିରୁ ଏହି ନୀତିଶିକ୍ଷା ସାମାଜିକ ସନ୍ତୁଳନ ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । ଏହା ଧନୀ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ଲୋକମାନଙ୍କୁ ଦାନଶୀଳ ଏବଂ ପରୋପକାରୀ ହେବାକୁ ଶିକ୍ଷା ଦିଏ, ଯାହାଦ୍ୱାରା ସମାଜରେ ଥିବା ଆର୍ଥିକ ଅସମାନତା ଦୂର ହୋଇପାରେ ।

**'ଯାହା ମନ ଯେମିତି ତା ଫଳ ସେମିତି' –** ଲୋକକଥାରେ ଏକ ଗାଁର ଜଣେ ଗରିବ ମାଆ ନିଜ ପୁଅ ଉପରେ ବୋଝ ନହେବା ପାଇଁ, ତାର ଜିଦ୍‌ରେ ଜଙ୍ଗଲର ଏକ ନିର୍ଜନ ସ୍ଥାନରେ ଯାଇ ରହିଲେ । ଦିନେ ଏକ ଭୟଙ୍କର ବର୍ଷା ରାତିରେ ଦୁଇଜଣ ଆଗନ୍ତୁକ ଅତିଥି ସେଠାରେ ପହଞ୍ଚିଲେ । ମାଆଙ୍କ ମନ ଅତି ସରଳ ଓ ପବିତ୍ର ଥିବାରୁ, ସେ ନିଜ ପାଖରେ ଥିବା ସ୍ୱଳ୍ପ ଖାଦ୍ୟ ଦେଇ ସେମାନଙ୍କର ଆଦର ସହ ସେବା କଲେ । ପ୍ରକୃତରେ ସେମାନେ ଥିଲେ ଛଦ୍ମବେଶୀ ଦେବଦୂତ । ମାଆଙ୍କ ନିଷ୍କପଟ ସେବାରେ ପ୍ରସନ୍ନ ହୋଇ ସେମାନେ ଆଶୀର୍ବାଦ କଲେ, ଯାହାଫଳରେ ମାଆ-ପୁଅଙ୍କ ଘର ପ୍ରଚୁର ଧନ-ଧାନ୍ୟରେ ପୂରିଗଲା ଏବଂ ଦୁହେଁ ଖୁସିରେ ରହିଲେ । ଏହା ଦେଖି ଗାଁର ଅନ୍ୟ ଏକ ଲୋଭୀ ମାଆ ଓ ତାର ପୁଅ କେବଳ ସମ୍ପତ୍ତି ପାଇବା ଆଶାରେ ସେହିପରି ଅଭିନୟ କଲେ । ସେହି ମାଆ ମଧ ଯାଇ ଜଙ୍ଗଲ ଆଶ୍ରମରେ ରହିଲା । ଦିନେ ପୁଣି ସେହି ଅତିଥିମାନେ ଆସିଲେ, କିନ୍ତୁ ମାଆଜଣକ ଲୋଭ ବଶତଃ ସେମାନଙ୍କୁ କୌଣସି ସାହାଯ୍ୟ ନକରି କଟୁ କଥା କହିଲା । ଦେବଦୂତମାନେ ତାର କୁତ୍ସିତ ମନୋଭାବ ବୁଝିପାରିଲେ ଏବଂ ତାଙ୍କ କ୍ରୋଧରେ ସେହି ଲୋଭୀ ମାଆ କିଛି ନପାଇ ସେଇଠି ପଡ଼ି ମଲା । ଏହି

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

ଲୋକକଥାଟି ଏହି ବାର୍ତ୍ତା ଦିଏ ଯେ, ମଣିଷର ଚିନ୍ତାଧାରା ଓ ମନୋଭାବ ଯେଭଳି ହୋଇଥାଏ, ତାର କାର୍ଯ୍ୟର ପରିଣାମ ମଧ୍ୟ ଠିକ୍ ସେହିଭଳି ମିଳିଥାଏ । ଯଦି ଜଣେ ବ୍ୟକ୍ତି ଅନ୍ୟମାନଙ୍କ ପ୍ରତି ମନରେ ସାଧୁତା, ଦୟା ଓ ମଙ୍ଗଳ ଭାବନା ରଖେ, ତେବେ ତାର ନିଜର ମଧ୍ୟ ସଦାବେଳେ ଭଲ ହୋଇଥାଏ । ଅପରପକ୍ଷରେ, ଯଦି କେହି ମନରେ କପଟତା, ଈର୍ଷା ବା କାହାର ଅନିଷ୍ଟ କରିବାର ଚିନ୍ତା ରଖେ, ତେବେ ସେ ନିଶ୍ଚିତ ଭାବରେ ଦୁଃଖ ଓ ବିଫଳତା ରୂପକ ଖରାପ ଫଳ ଭୋଗ କରେ ସତ୍ୟ ରକ୍ଷାକୁ ମାନବ ଜୀବନର ସର୍ବଶ୍ରେଷ୍ଠ ଧର୍ମ ବୋଲି ଗ୍ରହଣ କରାଯାଇଛି । 'ବଉଳା ଗାଈ କଥା' ଏହାର ସବୁଠାରୁ ଜ୍ୱଳନ୍ତ ଉଦାହରଣ, ଯାହା ଶିକ୍ଷା ଦିଏ ଯେ ସତ୍ୟର ଶକ୍ତି ଆଗରେ ହିଂସ୍ର ପ୍ରବୃତ୍ତି ମଧ୍ୟ ମଥାନତ କରେ । ସତ୍ୟ ରକ୍ଷା କରିବା ଦ୍ୱାରା ମଣିଷର ଚରିତ୍ର ସୁଦୃଢ଼ ହୁଏ ଏବଂ ସମାଜରେ ତାର ବିଶ୍ୱସନୀୟତା ବୃଦ୍ଧି ପାଏ । ଯେଉଁ ବ୍ୟକ୍ତି ସଙ୍କଟ ସମୟରେ ମଧ୍ୟ ନିଜ ସତ୍ୟ ପଥରୁ ବିଚ୍ୟୁତ ହୁଏ ନାହିଁ, ଈଶ୍ୱର ସଦାବେଳେ ତାଙ୍କୁ ସହାୟ ହୁଅନ୍ତି ଏବଂ ମୃତ୍ୟୁ ମୁଖରୁ ମଧ୍ୟ ରକ୍ଷା କରନ୍ତି । ସମାଜ ମଙ୍ଗଳ ଦୃଷ୍ଟିରୁ ବିଚାର କଲେ, ସତ୍ୟ ହିଁ ଏକ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ସମାଜର ମୂଳଦୁଆ । ଯଦି ସମାଜରେ ପରସ୍ପର ପ୍ରତି ସତ୍ୟବାଦିତା ଏବଂ ନିଷ୍ଠା ରହିବ, ତେବେ ଅବିଶ୍ୱାସ, କପଟତା ଓ ଅପରାଧର ଅନ୍ତ ଘଟିବ । ତେଣୁ, ସତ୍ୟ ରକ୍ଷା କରିବା କେବଳ ଏକ ବ୍ୟକ୍ତିଗତ ଗୁଣ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10
ବଣମଲ୍ଲୀର ମହକ
ISSN : 3108-2041

ନୁହେଁ, ବରଂ ଏହା ସମାଜର କଲ୍ୟାଣ ସାଧନ କରୁଥିବା ଏକ ମହାନ ନୈତିକ ବାର୍ତ୍ତା ।

ସେହିପରି 'ବଳ ତ ବଳ ବୁଦ୍ଧି' ଲୋକକଥାରେ ଦିନେ ଏକ ବାଘ ଶିକାର ପାଇଁ ଗୋଟିଏ ଠେକୁଆ ପଛରେ ଗୋଡ଼ାଇଲା । ଠେକୁଆଟି ପ୍ରାଣ ବିକଳରେ ଦୌଡ଼ି ଯାଇ ଏକ ବିଲୁଆ ଗାତ ଭିତରେ ପଶିଗଲା । ଗାତ ମୁହଁରେ ବାଘ ଜଗି ରହିଲା । ଭିତରେ ଥିବା ବିଲୁଆଟି ଠେକୁଆକୁ ଦେଖି ଲୋଭରେ ତାକୁ ଖାଇବାକୁ ବାହାରିଲା।ଠେକୁଆଟି ଡରି ନଯାଇ ନିଜର ଉପସ୍ଥିତ ବୁଦ୍ଧି ଖଟାଇଲା । ସେ ବିଲୁଆକୁ କହିଲା, ତୁମେ ଏଠି କଣ କରୁଛ? ବାହାରେ ସବୁ ପଶୁ ତୁମକୁ ଜଙ୍ଗଲର ରାଜା ବନାଇବା ପାଇଁ ଅପେକ୍ଷା କରିଛନ୍ତି । ରାଜା ହେବା ଲୋଭରେ ବିଲୁଆଟି ଅନ୍ଧ ହୋଇ କିଛି ନଭାବି ଠେକୁଆ ସହ ଗାତ ବାହାରକୁ ଆସିଲା । ବାହାରକୁ ଆସିବା ମାତ୍ରେ ଜଗି ରହିଥିବା ବାଘଟି ବିଲୁଆକୁ ମାରି ଖାଇଦେଲା । ଏହି ସୁଯୋଗରେ ଠେକୁଆଟି ଦୌଡ଼ିପଳାଇ ନିଜ ଜୀବନ ବଞ୍ଚାଇ ଦେଲା । ଏହା ହିଁ ପ୍ରମାଣ କରେ ଯେବିପଦ ସମୟରେ ବାହୁବଳ ଅପେକ୍ଷା ଧୈର୍ଯ୍ୟ ଓ ମାନସିକ ଚତୁରତା ହିଁ ମଣିଷକୁ ରକ୍ଷା କରିଥାଏ । ଅନ୍ୟପଟେ, ଅତ୍ୟଧିକ ଲୋଭ ମଣିଷର ବୁଦ୍ଧି ହରାଇ ବିନାଶ ଆଣିଦିଏ ।

---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

'ଖଣ୍ଡିଆ ଲାଙ୍ଗୁଡ କଥା', ଲୋକକଥାରେ; ଗୋଟିଏ ବିଲୁଆ ଗାଁକୁ ଚୋରି କରିବାକୁ ଯାଇ ଏକ ଯନ୍ତା ଭିତରେ ଫସିଗଲା । ସେଠାରୁ ଜୀବନ ବିକଳରେ ବାହାରିବା ବେଳେ ତାର ଲାଙ୍ଗୁଡ଼ଟି କଟି ସେଇଠି ରହିଗଲା । ଖଣ୍ଡିଆ ଲାଙ୍ଗୁଡ଼ ପାଇଁ ଜଙ୍ଗଲରେ ସମସ୍ତେ ତାକୁ ପରିହାସ କରିବେ ଭାବି, ସେ ସବୁ ବିଲୁଆମାନଙ୍କର ଏକ ସଭା ଡକାଇଲା । ସେଠାରେ ସେ ଚାଲାକି କରି କହିଲା, ଲାଙ୍ଗୁଡ଼ ଏକ ବେକାର ଜିନିଷ, ଏହା ଦୌଡ଼ିବାରେ ବାଧା ଦିଏ; ତେଣୁ ମୁଁ ଏହାକୁ କାଟିଦେଇଛି, ତୁମେମାନେ ମଧ୍ୟ ନିଜ ନିଜର ଲାଙ୍ଗୁଡ଼ କାଟିଦିଅ । କିନ୍ତୁ ସେହି ଦଳରେ ଥିବା ଜଣେ ବୃଦ୍ଧ ବିଲୁଆ ତାର ଚାଲାକି ବୁଝିପାରି କହିଲା, ତୁମେ ନିଜ ଦୋଷ ଲୁଚାଇବାକୁ ଆମ ସମସ୍ତଙ୍କୁ ଖଣ୍ଡିଆ ବନାଇବାକୁ ଏହି କୁପରାମର୍ଶ ଦେଉଛ । ସବୁ ବିଲୁଆ ସତ୍ୟ ବୁଝିପାରିଲେ । ଏଥିରୁ ଏହି ନୀତିଶିକ୍ଷା ମିଳେ ଯେ, ସମାଜରେ ଥିବା ସ୍ୱାର୍ଥପର ଲୋକମାନଙ୍କର ଚାଟୁକାରିତା ଓ ଚତୁର କଥାରେ ପଡ଼ି ଆଖି ବନ୍ଦ କରି ନିଜର କ୍ଷତି କରିବା ଉଚିତ ନୁହେଁ । କୌଣସି ପଦକ୍ଷେପ ନେବା ପୂର୍ବରୁ ସତ୍ୟାସତ୍ୟ ବିଚାର କରିବା ଜରୁରୀ ।

ସାମାଜିକ ତଥା ସାଂସ୍କୃତିକ ଦୃଷ୍ଟିକୋଣରୁ ଉତ୍କଳୀୟ ଲୋକକଥାର ଆବେଦନ ଅତ୍ୟନ୍ତ ବ୍ୟାପକ । ଏହା ଆମ ପରମ୍ପରାକୁ ସ୍ମରଣ କରାଇଦିଏ । ଏହି ପାରମ୍ପରିକ ଲୋକକଥାର ବିସ୍ତୃତ ଆଧାର ଉପରେ ହିଁ ପରବର୍ତ୍ତୀ

---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ସମୟରେ ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପର ଭିତ୍ତିଭୂମି ଗଢ଼ିଉଠିଛି ବୋଲି ନିସନ୍ଦେହରେ କୁହାଯାଇପାରେ । ଲୋକକଥାର ସେହି ସ୍ୱଳ୍ପ ପରିସର, ଗଠନମୂଳକ ଚମତ୍କାରିତା, ଉତ୍କଣ୍ଠା ଏବଂ ଶେଷରେ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ପ୍ରଦାନ କରିବାର ଶୈଳୀ - ଆଧୁନିକ ଯୁଗରେ ପରିମାର୍ଜିତ ହୋଇ କ୍ଷୁଦ୍ରଗଳ୍ପର ରୂପ ନେଇଛି । ଫକୀର ମୋହନ ସେନାପତିଙ୍କ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଓଡ଼ିଆ ଗଳ୍ପ ସାହିତ୍ୟ ଯେଉଁ ଶିଖରରେ ପହଞ୍ଚିଛି, ତାହାର ମୂଳ ଉତ୍ସ ଏହି ମାଟିର ପୁରାତନ କାହାଣୀ ପରମ୍ପରା ଅଟେ । ପ୍ରାଥମିକ ସ୍ତରରେ ଏହା ଗ୍ରାମୀଣ ସନ୍ଧ୍ୟାରେ କ୍ଳାନ୍ତ ମଣିଷ ପାଇଁ ମନୋରଞ୍ଜନର ଏକମାତ୍ର ଖୋରାକ ସାଜିଥିଲା । ମାତ୍ର ଏହି ମନୋରଞ୍ଜନର ଆଢୁଆଳରେ ଓଡ଼ିଆ ସମାଜର ପାରମ୍ପରିକ ଆଦର୍ଶକୁ ବଞ୍ଚାଇ ରଖିବା, ସମାଜକୁ ଶୃଙ୍ଖଳିତ କରିବା ଏବଂ ବ୍ୟକ୍ତିର ଚରିତ୍ର ଗଠନ କରିବା ହିଁ ଏହାର ମୂଳ ଲକ୍ଷ୍ୟ ଥିଲା ।

**ଅଳ୍ପ ଶବ୍ଦରେ ବ୍ୟାପକ ସତ୍ୟ: ପ୍ରବାଦ-ପ୍ରବଚନରେ ନୀତିଶିକ୍ଷା:-** ପ୍ରବାଦ-ପ୍ରବଚନ ହେଉଛି ଆମ ଦୈନନ୍ଦିନ କଥାବାର୍ତ୍ତା ମଧ୍ୟରେ ବ୍ୟବହୃତ ହେଉଥିବା ଗୋଟିଏ ଗୋଟିଏ ସରଳ ନୀତି-ସୂତ୍ର । ବ୍ୟୁତ୍ପତ୍ତିଗତ ଦୃଷ୍ଟିରୁ ବିଚାର କଲେ 'ବଚନ' ଶବ୍ଦ ପୂର୍ବରୁ 'ପ୍ର' ଉପସର୍ଗ ଯୋଗ ହୋଇ 'ପ୍ରବଚନ' ଶବ୍ଦଟି ସୃଷ୍ଟି ହୋଇଛି । ଏଠାରେ 'ପ୍ର' ଉପସର୍ଗର ଅର୍ଥ ହେଉଛି 'ପ୍ରକୃଷ୍ଟ' ବା 'ଉତ୍କୃଷ୍ଟ'। ତେଣୁ ବ୍ୟୁତ୍ପତ୍ତିଗତ ଅର୍ଥରେ 'ପ୍ରବଚନ'ର ଅର୍ଥ ହେଉଛି- ପ୍ରକୃଷ୍ଟ ବଚନ ବା

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10
ବଣମଲ୍ଲୀର ମହକ
ISSN : 3108-2041

ଶ୍ରେଷ୍ଠ ଉକ୍ତି । ଇଂରାଜୀରେ ଏହାକୁ 'Proverb' ବୋଲି କୁହାଯାଏ, ଯାହା ମୂଳ ଲାଟିନ୍ ଭାଷାର 'Proverbium' ଶବ୍ଦରୁ ଆସିଛି । ଏହି ଲାଟିନ୍ ଶବ୍ଦର ଆଭିଧାନିକ ଅର୍ଥ ହେଉଛି- 'ଲୋକରେ ବ୍ୟବହୃତ' (Used among the people) । ସମାଜରେ ସାଧାରଣ ଭାବେ ବ୍ୟବହୃତ ହେଉଥିବା ସବୁ କଥାକୁ ପ୍ରବଚନ କୁହାଯାଏ ନାହିଁ । ଯେଉଁ ଉକ୍ତି ସବୁ ସମୟ ପାଇଁ ସତ୍ୟ ହୋଇଥାଏ ଏବଂ ନିଜର ମୂଳ ନୈତିକ ବାର୍ତ୍ତାକୁ ସର୍ବଦା ଅକ୍ଷୁର୍ଣ୍ଣ ରଖିପାରେ, ତାହାକୁ ହିଁ ପ୍ରବଚନ କୁହାଯାଏ ।

ସେହିପରି 'ବାଦ' ଶବ୍ଦ ପୂର୍ବରୁ 'ପ୍ର' ଉପସର୍ଗ ଲାଗି 'ପ୍ରବାଦ' ଶବ୍ଦଟି ଗଠିତ ହୋଇଛି । ଏହାର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି- ପ୍ରକୃଷ୍ଟ ବିଚାର ବାଶ୍ରେଷ୍ଠ ମତ। ଇଂରାଜୀ ଭାଷାରେ ଏହା ପାଇଁ 'Adage' ଶବ୍ଦର ପ୍ରୟୋଗ କରାଯାଏ । ଏହି 'Adage' ଶବ୍ଦଟି ମୂଳ ଗ୍ରୀକ୍ ଭାଷାର 'Adagium' ଶବ୍ଦରୁ ସୃଷ୍ଟି ହୋଇଛି, ଯାହାର ସରଳ ଆଭିଧାନିକ ଅର୍ଥ ହେଉଛି- ଯେଉଁ ନୀତିବାକ୍ୟ ସାଧାରଣ ଲୋକସମାଜରେ ବହୁକାଳରୁ ପ୍ରଚଳିତ । ସମାଜରେ ପ୍ରଚଳିତ ବିଭିନ୍ନ ଜନଶ୍ରୁତି, ପୁରାତନ କିମ୍ବଦନ୍ତୀ ଏବଂ ପାରମ୍ପରିକ ବିଶ୍ୱାସଗୁଡ଼ିକ ଏହି ପ୍ରବାଦ ଶବ୍ଦର ପରିସରଭୁକ୍ତ ଅଟନ୍ତି । କୌଣସି ସାଧାରଣ ସତ୍ୟ ଯେତେବେଳେ ବାରମ୍ବାର ପରୀକ୍ଷିତ ହୋଇ ଜନମାନସରେ ଦୃଢ଼ ମାନ୍ୟତା ପାଏ ଏବଂ ସମାଜର ନୀତିନିୟମକୁ ଶୃଙ୍ଖଳିତ କରେ,

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ସେତେବେଳେ ତାହାକୁ ପ୍ରବାଦ କୁହାଯାଏ । ଅନ୍ୟଭାବରେ କହିଲେ 'ପ୍ରବାଦ' ହେଉଛି ସମାଜରେ ବହୁକାଳରୁ ପ୍ରଚଳିତ ଜନଶ୍ରୁତିମୂଳକ ଉପଦେଶ ତଥା ନୀତିକଥା ଏବଂ 'ପ୍ରବଚନ' ହେଉଛି ସାଧାରଣ ମଣିଷ ପାଇଁ ଉଦ୍ଦିଷ୍ଟ ଶ୍ରେଷ୍ଠ ଉପଦେଶ । ଏଗୁଡ଼ିକର ବିଶେଷତ୍ୱ ହେଉଛି ଏହାର ପ୍ରୟୋଗ ଶୈଳୀ; ଅର୍ଥାତ୍ କେବଳ ଧାଡ଼ିଏ ବା ଦୁଇ ଧାଡ଼ିର କଥାରେ ମଣିଷକୁ ତା'ର ଭୁଲ୍ ବୁଝାଇଦେବା । ଗ୍ରାମୀଣ ଜନତା ଶାସ୍ତ୍ରୀୟ ଶିକ୍ଷା ପାଇନଥିଲେ ମଧ୍ୟ ସମାଜକୁ ସୁସ୍ଥ ରଖିବା ପାଇଁ ଏଭଳି ସହଜ ଉକ୍ତିମାନ ସୃଷ୍ଟି କରିଛନ୍ତି । ଏହିପ୍ରବାଦଗୁଡ଼ିକ ମଧ୍ୟରେ ମଣିଷକୁ ଜୀବନ ଜିଇଁବାର ସବୁଠାରୁ ବଡ଼ ବ୍ୟାବହାରିକ ନୀତି ପ୍ରଦାନ କରାଯାଇଛି।ଓଡ଼ିଆ ପ୍ରବାଦ-ପ୍ରବଚନରେ ନିହିତ ବିବିଧ ନୀତିଶିକ୍ଷାଗୁଡିକୁ ନିମ୍ନମତେ ଆଲୋଚନା କରାଯାଇପାରେ -

**ପ୍ରବଚନରେ ନୀତିଶିକ୍ଷା -**

**ନୈତିକ ବାର୍ତ୍ତା ଓ ମାର୍ଗଦର୍ଶନ:-** ଓଡ଼ିଆ ପ୍ରବଚନଗୁଡ଼ିକ ଆମ ସମାଜର ନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରୁଥିବା ଏକ ଏକ ମାର୍ଗଦର୍ଶନ । ଏଗୁଡ଼ିକ ମାଧ୍ୟମରେ ମଣିଷକୁ ଏକ ସୁସ୍ଥ ଓ ଆଦର୍ଶ ଜୀବନ ଜୀଇଁବା ପାଇଁ ବାର୍ତ୍ତାମାନ ପ୍ରଦାନକରାଯାଇଛି । ଯେପରିକି **'ଅକାଳେ ନିୟମ ନାସ୍ତି'** ପ୍ରବଚନରେ ପରିପ୍ରକାଶ କରିଥାଏ ଯେ, ସାଧାରଣ ସମୟରେ ମଣିଷ ନିୟମ, ଶୃଙ୍ଖଳା ଓ ପରମ୍ପରା ମାନି ଚାଲିଥାଏ । କିନ୍ତୁ ଯେତେବେଳେ ଜୀବନରେ କୌଣସି ବଡ଼

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

ଆପଦ ବା ଚରମ ସଂକଟ (ଅକାଳ) ଆସେ, ସେତେବେଳେ ପ୍ରାଣ ରକ୍ଷା କରିବା ପାଇଁ ବା ସମସ୍ୟାରୁ ବାହାରିବା ପାଇଁ ସାଧାରଣ ନିୟମଗୁଡ଼ିକୁ ଶିଥିଳ କରାଯାଇପାରେ । ପରିସ୍ଥିତି ଅନୁସାରେ ନିଜକୁ ବଦଳାଇବା ହିଁ ଏହାର ମୂଳ ବାର୍ତ୍ତା ।

**'କଥା ମାଜିଲେ ମୋଟ, ସୂତା ମାଜିଲେ ସରୁ'** - ଏହି ଆପ୍ତବାକ୍ୟଟି କୌଣସି ଏକ ଛୋଟ କଥା ବା ବିବାଦକୁ ଯେତେ ଅଧିକ ଟାଣିବ ବା ଆଲୋଚନା କରିବ, ତାହା ସେତେ ବଡ଼ (ମୋଟା) ଓ ଜଟିଳ ରୂପ ଧାରଣ କରିବ । ତେଣୁ ବୃଥା ତର୍କରୁ ଦୂରେଇ ରହିବା ପାଇଁ ଏହା ଏକ ଚେତାବନୀ ।

**'ଖଳ ଲୋକ ମେଳ, ଖଣ୍ଟ ସଙ୍ଗେ ଗୋଳ, ଖଣ୍ଡିଆ କଟୁରୀ, ହାଣ୍ଡିଶାଳ ଗୁହାଳ,ସଖି ଗୋ ମନ୍ଦ ଏ'**- ଏହା ସମାଜରେ କେଉଁ କେଉଁ ଜିନିଷ ଓ ସଙ୍ଗତି ମନ୍ଦ ବା ଅନିଷ୍ଟକାରୀ, ତାର ଏକ ସ୍ୱଷ୍ଟ ଚିତ୍ର ପ୍ରଦାନ କରେ । ଦୁଷ୍ଟ ଲୋକଙ୍କ ସହ ମିଶିବା, ଚୋର ବା ଖଣ୍ଟ ସହ ଗଣ୍ଡଗୋଳ କରିବା, ଧାର ନଥିବା କଟୁରୀ ବ୍ୟବହାର କରିବା, ଏସବୁ ଜୀବନରେ କେବଳ ଦୁଃଖ ଓ ଅପମାନ ଆଣିଥାଏ । କୁସଙ୍ଗତି ଏବଂ ଅଯୋଗ୍ୟ ଜିନିଷଠାରୁ ଦୂରରେ ରହିବା ପାଇଁ ଏହା ଏକ ଶ୍ରେଷ୍ଠ ନୈତିକ ଉପଦେଶ ।

---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10
ବଣମଲ୍ଲୀର ମହକ
ISSN : 3108-2041

**'ସମ୍ପଦ ବେଳେ ନ କରିବ ଚାତର, ବିପଦ ବେଳେ ନ ହୋଇବ କାତର'** - ଜୀବନର ସୁଖ-ଦୁଃଖକୁ ସମାନ ଭାବେ ଗ୍ରହଣ କରିବା ପାଇଁ ଏହା ଏକ ଚମତ୍କାର ଜୀବନ ଦର୍ଶନ । ମଣିଷ ପାଖରେ ଯେତେବେଳେ ପ୍ରଚୁର ଧନ ବା ସମ୍ପତ୍ତି ଥାଏ, ସେତେବେଳେ ଅହଂକାର କରି ଗର୍ବ ଦେଖାଇବା ଅନୁଚିତ । ସେହିପରି, ଜୀବନରେ ଦୁଃଖ ବା ବିପଦ ଆସିଲେ ଭୟରେ ଭାଙ୍ଗି ନପଡ଼ି (କାତର ନହୋଇ) ଧୈର୍ଯ୍ୟର ସହ ପରିସ୍ଥିତିର ସାମ୍ନା କରିବା ଉଚିତ ।

**'ଅଧର୍ମ ବିତ୍ତ ବଢେ ବହୁତ, ଗଲାବେଳେ ଯାଏ ମୂଳ ସହିତ'** - ଏହି ପ୍ରବଚନଟି ମଣିଷ ସମାଜକୁ ସତ୍ ମାର୍ଗରେ ଚାଲିବା ପାଇଁ ଏକ ମହତ୍ତର ନୀତିଶିକ୍ଷା ପ୍ରଦାନ କରେ । ଏହାର ସରଳ ଅର୍ଥ ହେଉଛି, ପାପ, ଅନ୍ୟାୟ, ଦୁର୍ନୀତି କିମ୍ବା କାହାକୁ ପ୍ରତାରଣା କରି ଅର୍ଜନ କରାଯାଇଥିବା ଧନ ବା ସମ୍ପତ୍ତି ପ୍ରାରମ୍ଭିକ ସମୟରେ ବହୁତ ଶୀଘ୍ର ଏବଂ ପ୍ରଚୁର ପରିମାଣରେ ବୃଦ୍ଧି ପାଇଥାଏ । ନ୍ୟାୟ ଓ ପରିଶ୍ରମର ପଥ ଦୀର୍ଘ ଏବଂ କଷ୍ଟକର ହୋଇଥିବାରୁ, ଅଧର୍ମ ପଥର ଏହି ସହଜ ଓ କ୍ଷଣସ୍ଥାୟୀ ପ୍ରଗତି ମଣିଷକୁ ଲୋଭଗ୍ରସ୍ତ କରିଦିଏ । ମାତ୍ର ପ୍ରକୃତିର ଅମୋଘ ନିୟମ ଓ କର୍ମଫଳ ଅନୁସାରେ, ଅନ୍ୟାୟରେ ଅର୍ଜିତ ଏହି ଧନ କେବେ ହେଲେ ସ୍ଥାୟୀ ହୋଇ ରହେନାହିଁ ।

**'ପାନ ବିଡି ନୁହେଁ ଛୋଟିଆ ନିଶା, ଜଣା ପଡେ ନାହିଁ ଟାଣେ ପଇସା'** - ଏହି ପ୍ରବଚନଟି ଆଜିର ସମାଜରେ ଦୈନନ୍ଦିନ ଛୋଟ ଛୋଟ ଅଭ୍ୟାସ କିମ୍ବା

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ବ୍ୟସନ ପଛରେ ହେଉଥିବା ଅଜାଣତ ଖର୍ଚ୍ଚକୁ ଅତି ସୁନ୍ଦର ଭାବେ ଦର୍ଶାଉଛି । ସାଧାରଣତଃ ମଣିଷ ଭାବେ ଯେ ପାନ, ବିଡି କିମ୍ବା ଚାହା-ଗୁଟ୍‌ଖା ଭଳି ଛୋଟ ମୋଟ ନିଶା ପାଇଁ ଦିନକୁ ମାତ୍ର କିଛି ଟଙ୍କା ତ ଖର୍ଚ୍ଚ ହେଉଛି, ଏଥିରେ କି ଅସୁବିଧା ଅଛି ! କିନ୍ତୁ ଏହି ଛୋଟିଆ ବୋଲାଉଥିବା ଅଭ୍ୟାସ ଧୀରେ ଧୀରେ ଏକ ବଡ଼ ବ୍ୟସନରେ ପରିଣତ ହୋଇଯାଏ, ଯାହା ପ୍ରାରମ୍ଭରେ ଜଣାପଡ଼େ ନାହିଁ । ଦିନକୁ ଦିନ ଏହି ଅଳ୍ପ ଅଳ୍ପ ଟଙ୍କାର ଖର୍ଚ୍ଚ ମାସ ଶେଷକୁ ଏବଂ ବର୍ଷ ଶେଷକୁ ଏକ ବଡ଼ ଅଙ୍କର ଆର୍ଥିକ ବୋଝ ପାଲଟିଯାଏ, ଯାହା ମଣିଷର ପକେଟ୍‌ରୁ ଅଜାଣତରେ ପ୍ରଚୁର ପଇସା ଟାଣି ନେଇଥାଏ ।

**‘ଅତି ଦର୍ପେ ହତା ଲଙ୍କା, ଅତି ମାନେ ଚ କୌରବାଃ, ଅତି ଦାନେ ବଳିର୍ବଦ୍ଧୋ, ଅତି ସର୍ବତ୍ର ବର୍ଜୟେତ୍’** - ଏହି ପ୍ରବଚନଟି ମାନବ ସମାଜକୁ ଜୀବନରେ ସନ୍ତୁଳନ ରକ୍ଷା କରିବା ପାଇଁ ଏକ ଶାଶ୍ୱତ ନୀତିଶିକ୍ଷା ପ୍ରଦାନ କରେ । ଯେକୌଣସି ଜିନିଷର ଚରମ ସୀମା ବା ଆଧିକ୍ୟ ସର୍ବଦା ବିନାଶର କାରଣ ହୋଇଥାଏ । ଇତିହାସ ଓ ପୁରାଣରେ ମଧ୍ୟ ଦର୍ଶାଯାଇଛି ଯେ, ନିଜର ଶକ୍ତି ଓ ସାମର୍ଥ୍ୟର ଅତ୍ୟଧିକ ଗର୍ବ ଯୋଗୁଁ ହିଁ ମହାପ୍ରତାପୀ ରାବଣର ସୁବର୍ଣ୍ଣ ଲଙ୍କା ଛାରଖାର ହୋଇଯାଇଥିଲା । ସେହିପରି ଦୁର୍ଯ୍ୟୋଧନଙ୍କ ଭଳି ଚରମ ଅଭିମାନ ଓ ଜିଦ୍ ଯୋଗୁଁ ସାରା କୌରବ ବଂଶ ମହାଭାରତ ଯୁଦ୍ଧରେ ନିଶ୍ଚିହ୍ନ ହୋଇଗଲେ । କେବଳ ଦୁର୍ଗୁଣ ନୁହେଁ, ବରଂ ଦାନ କରିବା ଭଳି ଏକ ମହତ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ଗୁଣ ମଧ୍ୟ ଯଦି ବିବେକହୀନ ଭାବେ ନିଜ ସାମର୍ଥ୍ୟର ସୀମା ପାର୍ କରି କରାଯାଏ, ତେବେ ରାଜା ବଳିଙ୍କ ଭଳି ମଣିଷ ନିଜେ ବନ୍ଧନରେ ପଡ଼ି ସଙ୍କଟର ସମ୍ମୁଖୀନ ହୁଏ । ଜୀବନର ପ୍ରତିଟି କ୍ଷେତ୍ରରେ ଅତ୍ୟଧିକତାକୁ ସର୍ବଦା ବର୍ଜନ କରିବା ଉଚିତ ।

**'ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ'** - ପ୍ରବଚନଟି ଆମକୁ ଜୀବନରେ ସନ୍ତୋଷ ଭାବ ଏବଂ ବାସ୍ତବବାଦୀ ହେବା ପାଇଁ ଏକ ସୁନ୍ଦର ନୀତିଶିକ୍ଷା ପ୍ରଦାନ କରେ । କୌଣସି ଜିନିଷ ଆଦୌ ନମିଳିବା କିମ୍ବା ସମ୍ପୂର୍ଣ୍ଣ ଶୂନ୍ୟ ହେବା ଅପେକ୍ଷା, ଅଳ୍ପ ପରିମାଣରେ ବା କମ୍ ଯୋଗ୍ୟତାସମ୍ପନ୍ନ ଜିନିଷଟିଏ ମିଳିବା ବହୁତ ଭଲ । ସାଧାରଣ ଜୀବନରେ ଯେତେବେଳେ ଆମେ ଆମର ଆଶା ଅନୁସାରେ ସବୁଠାରୁ ଶ୍ରେଷ୍ଠ ଜିନିଷଟିଏ ପାଇପାରୁନାହୁଁ, ସେତେବେଳେ ନିରାଶ ନହୋଇ ହାତ ପାହାନ୍ତାରେ ଥିବା ସୀମିତ ସୁବିଧା ବା ବିକଳ୍ପକୁ ଗ୍ରହଣ କରିବା ଉଚିତ ।

**ସଂସାରର ଅଳିକତା ଓ ଜୀବନ ଦର୍ଶନ:-** ଏହି ସଂସାରରେ ଦୃଶ୍ୟମାନ ହେଉଥିବା ପ୍ରତିଟି ଜିନିଷ, ସମ୍ପର୍କ, ଧନସମ୍ପତ୍ତି ଏବଂ ଆମର ନିଜ ଶରୀର ସବୁକିଛି କ୍ଷଣସ୍ଥାୟୀ । ସମୟ ସ୍ରୋତରେ ସବୁକିଛି ଦିନେ ନା ଦିନେ ବଦଳିଯାଏ । ସଂସାରର ଏହି କ୍ଷଣଭଙ୍ଗୁର ଗୁଣକୁ ଚିହ୍ନିବା ଦ୍ୱାରା ମଣିଷ ମନରୁ ମୋହ ଏବଂ ଅହଂକାର ଦୂର ହୋଇଥାଏ । ଯେତେବେଳେ ଆମେ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

ଅନୁଭବ କରୁ ଯେ ଏଠାରେ କୌଣସି ଜିନିଷ ଚିରସ୍ଥାୟୀ ନୁହେଁ, ସେତେବେଳେ ମନରେ ଏକ ଆଧ୍ୟାତ୍ମିକ ସନ୍ତୋଷ ଆସେ । ଏହି ଚିନ୍ତାଧାରା ଆମକୁ ଜୀବନରୁ ଦୂରେଇଯିବାକୁ କହେନାହିଁ, ବରଂ ନିଜର କର୍ତ୍ତବ୍ୟକୁ ନିଷ୍ଠାର ସହ କରିବାକୁ ଶିଖାଏ । ସଂସାରର ଅସାରତାକୁ ସ୍ୱୀକାର କରି, ଲୋଭ ଓ ମାୟାରୁ ମୁକ୍ତ ହୋଇ ଶାନ୍ତି ଏବଂ ସରଳତା ସହକାରେ ଜୀବନ ବିତାଇବା ହିଁ ଶ୍ରେଷ୍ଠ ଦର୍ଶନ । ଉଦାହରଣ ସ୍ୱରୂପ **'ଆସିଲି ଏକା ଯିବି ଏକା, ସାଙ୍ଗରେ ନଯିବେ ପିଲା ପିଚିକା'**- ପ୍ରବଚନଟି ମଣିଷକୁ ଜୀବନର ପରମ ସତ୍ୟ ତଥା ବୈରାଗ୍ୟ ଭାବ ବିଷୟରେ ଗଭୀର ନୀତିଶିକ୍ଷା ପ୍ରଦାନ କରେ । ମଣିଷ ଏହି ସଂସାରକୁ ସମ୍ପୂର୍ଣ୍ଣ ଏକାକୀ ଆସିଥାଏ ଏବଂ ମୃତ୍ୟୁ ପରେ ମଧ୍ୟ ତାକୁ ଏହି ସଂସାରରୁ ସମ୍ପୂର୍ଣ୍ଣ ଏକାକୀ ହିଁ ବିଦାୟ ନେବାକୁ ପଡ଼ିଥାଏ । ଜୀବନକାଳ ମଧ୍ୟରେ ମଣିଷ ଯେଉଁ ପରିବାର, ପିଲାପିଲି, ଧନସମ୍ପତ୍ତି ଏବଂ ବନ୍ଧୁବାନ୍ଧବଙ୍କ ମୋହରେ ପଡ଼ି ଦିନରାତି ସଂସାର ମାୟାରେ ବାନ୍ଧି ହୋଇ ରହିଥାଏ, ମୃତ୍ୟୁ ସମୟରେ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ବି ସାଙ୍ଗରେ ଯାଆନ୍ତି ନାହିଁ । ଏହା ମାଧ୍ୟମରେ ମଣିଷକୁ ଏହି ଶିକ୍ଷା ଦିଆଯାଇଛି ଯେ, ସଂସାରର ସମସ୍ତ ସମ୍ପର୍କ ଓ ବସ୍ତୁ କ୍ଷଣସ୍ଥାୟୀ ଏବଂ ମାୟା ଅଟେ ।

**'ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର'** - ପ୍ରବଚନଟି ମଣିଷକୁ ସଂସାରର କ୍ଷଣଭଙ୍ଗୁରତା ଏବଂ ଜୀବନର ଅନିଶ୍ଚିତତା ବିଷୟରେ ଏକ

---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ମହତ୍ତର ନୀତିଶିକ୍ଷା ପ୍ରଦାନ କରେ । ଏହାର ସମୟର ଚକ ସବୁବେଳେ ବଦଳିଥାଏ; ଯେଉଁ ବ୍ୟକ୍ତି ଆଜି ରାଜସିଂହାସନରେ ବସି ପ୍ରଚୁର ଧନ, କ୍ଷମତା ଓ ଗୌରବର ଅଧିକାରୀ ହୋଇଛି, ସମୟର ପରିବର୍ତ୍ତନରେ ସେ ଆସନ୍ତାକାଲି ଜଣେ ଭିକାରୀ ପାଲଟିଯାଇପାରେ। ସଂସାରରେ ଭାଗ୍ୟ ଏବଂ ସମୟ କାହାରି ପାଇଁ ସ୍ଥିର ହୋଇ ରହେନାହିଁ ।

**'ଅଖ ବୁଲୁଥିଲେ ଚକ ବୁଲୁଥାଇ ବୁଲି ପଡୁଥାଏ ପହି, ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି'** - ପ୍ରବଚନଟି ମଣିଷକୁ ଜୀବନର ସଂଘର୍ଷ, ସମୟର ସହନଶୀଳତା ବିଷୟରେ ଏକ ମହତ୍ତର ନୀତିଶିକ୍ଷା ପ୍ରଦାନ କରେ । ଯେପରି ଅଖ ଘୂରିବା ସହିତ ଚକ ଓ ପହି ମଧ୍ୟ କ୍ରମାଗତ ଭାବେ ବୁଲୁଥାଏ, ସେହିପରି ସମୟର ଚକ୍ର ମଧ୍ୟ ସଦା ପରିବର୍ତ୍ତନଶୀଳ। ଜୀବନରେ ସୁଖ ପରେ ଦୁଃଖ ଏବଂ ଦୁଃଖ ପରେ ସୁଖ ଆସିବା ଏକ ସ୍ୱାଭାବିକ ନିୟମ । ମଣିଷ ଯଦି ସଂସାର ଭିତରେ ଘର କରି ରହିଛି, ତେବେ ତାକୁ ଜୀବନର ବିଭିନ୍ନ ସମସ୍ୟା, ବିପଦ କିମ୍ବା କଷ୍ଟ ରୂପକ ପଥର ପ୍ରହାରକୁ ନିଶ୍ଚିତ ଭାବେ ସହିବାକୁ ପଡ଼ିବ । ସଂସାରରେ ରହି କେହି ମଧ୍ୟ ଦୁଃଖ-କଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ରହିପାରିବେ ନାହିଁ ।

**'କାହା କରମକୁ ଘିଅ ସାକର କାହା କରମକୁ ଲଡୁ, କାହା କରମକୁ ଖାରିଆ ଖଡା ଚୋବାଇ ଚୋବାଇ ମରୁ'** - ପ୍ରବଚନଟି ମଣିଷକୁ କର୍ମଫଳର ମହତ୍ତ୍ୱ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10
ବଣମଲ୍ଲୀର ମହକ
ISSN : 3108-2041

ଏବଂ ଜୀବନର ଭାଗ୍ୟଚକ୍ର ବିଷୟରେ ଏକ ସୁନ୍ଦର ନୀତିଶିକ୍ଷା ପ୍ରଦାନ କରେ।ସଂସାରରେ ସବୁ ମଣିଷଙ୍କର ଭାଗ୍ୟ ଓ ସ୍ଥିତି ସମାନ ନୁହେଁ । କାହାର ଭାଗ୍ୟ ବା କର୍ମଫଳ ଏତେ ଶ୍ରେଷ୍ଠ ହୋଇଥାଏ ଯେ ସେ ବିନା ପରିଶ୍ରମରେ ବା ଅତି ସହଜରେ ସମସ୍ତ ପ୍ରକାରର ସୁଖ-ସାଧନ ପାଇଥାଏ । ଅପରପକ୍ଷରେ, ଆଉ କାହାର କର୍ମଫଳରେ କେବଳ ସଂଘର୍ଷ ଲେଖା ହୋଇଥାଏ, ଯାହା ଫଳରେ ସେ ଜୀବନସାରା କଠିନ ପରିଶ୍ରମ କରି ମଧ୍ୟ ଅତି ଦୀନ ଭାବେ ଜୀବନ ଅତିବାହିତ କରେ ।

**ପାରିବାରିକ ଏବଂ ସାମାଜିକ ଶୃଙ୍ଖଳା:-** ପରିବାର ତଥା ସମାଜ ହେଉଛି ମଣିଷର ପ୍ରାଥମିକ ପାଠଶାଳା, ଯେଉଁଠାରେ ସ୍ନେହ, ତ୍ୟାଗ, ସମ୍ମାନ ଏବଂ କର୍ତ୍ତବ୍ୟବୋଧ ଭଳି ଶୃଙ୍ଖଳାର ମୂଳଦୁଆ ପଡ଼ିଥାଏ; ଏବଂ ଏହି ଅନୁଶାସନରେ ବଢ଼ିଥିବା ବ୍ୟକ୍ତି ହିଁ ପରବର୍ତ୍ତୀ ସମୟରେ ସମାଜରେ ଆଇନ, ଭାଇଚାରା ଓ ସହନଶୀଳତା ଭଳି ସାମାଜିକ ଶୃଙ୍ଖଳାକୁ ବଜାୟ ରଖିବାରେ ସହାୟକ ହୋଇଥାଏ । ଓଡ଼ିଆ ଲୋକଜୀବନରେ ପ୍ରଚଳିତ ପ୍ରବଚନଗୁଡ଼ିକ ଏହି ଶୃଙ୍ଖଳାର ମହତ୍ତ୍ୱକୁ ଅତି ସୁନ୍ଦର ଭାବେ ଦର୍ଶାଇଥାନ୍ତି, ଯାହା ମଣିଷକୁ ଜଣେ ଆଦର୍ଶ ନାଗରିକ ହେବାକୁ ଦିଗଦର୍ଶନ ଦେଇଥାଏ ।

**'ପୁଅ ଯଦି ଯୋଗା ଧନ କାହିଁକି ସଞ୍ଚୁ, ପୁଅ ଯଦି ଅଯୋଗା ତେବେ ଧନ କାହିଁପାଇଁ ସଞ୍ଚୁ'** - ପ୍ରବଚନଟି ପାରିବାରିକ ଶୃଙ୍ଖଳା, ସନ୍ତାନ ଗଠନ ଏବଂ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10
ବଣମଲ୍ଲୀର ମହକ
ISSN : 3108-2041

ଅର୍ଥର ସଦୁପଯୋଗ ସମ୍ପର୍କରେ ଏକ ବହୁତ ବଡ଼ ନୀତିଶିକ୍ଷା ପ୍ରଦାନ କରେ । ପିତାମାତା ନିଜ ସନ୍ତାନ ପାଇଁ କେବଳ ସମ୍ପତ୍ତି ସଞ୍ଚୟ କରିବା ଅପେକ୍ଷା ତାକୁ ସଂସ୍କାରୀ ଓ ଯୋଗ୍ୟ କରି ଗଢ଼ିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ଯଦି ପୁଅ ଗୁଣବାନ, ପରିଶ୍ରମୀ ଏବଂ ଯୋଗ୍ୟ ହୋଇଥାଏ, ତେବେ ତା' ପାଇଁ କୌଣସି ସମ୍ପତ୍ତି ସଞ୍ଚି ରଖିବାର ଅଯଥା ଚିନ୍ତା କରିବା ଆବଶ୍ୟକ ନାହିଁ, କାରଣ ସେ ନିଜ ସାମର୍ଥ୍ୟ ଓ ବୁଦ୍ଧି ବଳରେ ପ୍ରଚୁର ଧନ ନିଜେ ଅର୍ଜନ କରିପାରିବ । ଅପରପକ୍ଷରେ, ପୁଅ ଯଦି ଦୁର୍ଗୁଣୀ, ଅଳସୁଆ ଏବଂ ଅଯୋଗ୍ୟ ହୋଇଥାଏ, ତେବେ ତା' ପାଇଁ ଯେତେ ବି ସମ୍ପତ୍ତି ସଞ୍ଚୟ କରି ରଖିଲେ ମଧ୍ୟ କୌଣସି ଲାଭ ନାହିଁ ।

**'ଆରେ ଚଇତା, ଦୁଇ ମାଇପର ଘଇତା, ତବତ ଖାଇବୁ କି ପଖାଳ ଖାଇବୁ ଦିନ ଥାଉଁ ଥାଉଁ କହିଥା'** - ବ୍ୟଙ୍ଗାତ୍ମକ ଶୈଳୀରେ ପ୍ରଚଳିତ ଏହି ପ୍ରସିଦ୍ଧ ପ୍ରବଚନଟି ପାରିବାରିକ ଶୃଙ୍ଖଳା, ନିଷ୍ପତ୍ତି ଗ୍ରହଣ ଏବଂ ପରିସ୍ଥିତି ପ୍ରତି ସତର୍କ ରହିବା ସମ୍ପର୍କରେ ଏକ ବାସ୍ତବବାଦୀ ନୀତିଶିକ୍ଷା ପ୍ରଦାନ କରେ । ଯେତେବେଳେ ଜଣେ ମଣିଷ ଏକ ସମୟରେ ଦୁଇଟି ଭିନ୍ନ କାର୍ଯ୍ୟ ବା ଦାୟିତ୍ୱ ମଧ୍ୟରେ ଛନ୍ଦି ହୋଇଯାଏ, ସେତେବେଳେ ସେ କୌଣସି ଗୋଟିଏ କାର୍ଯ୍ୟକୁ ମଧ୍ୟ ସଫଳତାର ସହ କରିପାରେ ନାହିଁ । ଏହା ପାରିବାରିକ ଏବଂ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

ସାମାଜିକ କ୍ଷେତ୍ରରେ ଶିକ୍ଷା ଦିଏ ଯେ, ଦ୍ୱନ୍ଦ୍ୱରେ ନପଡ଼ି ସମୟ ଥାଉଁ ଥାଉଁ ନିଜର ଲକ୍ଷ୍ୟ ଓ ନିଷ୍ପତ୍ତିକୁ ସ୍ୱଷ୍ଟ କରିବା ଆବଶ୍ୟକ ।

**'ଚରଣ ଫାଟୁଆ ବଳଦ ମଠୁଆ ମୁଖରା ଭାରିଜା ଯାହାର, ଯମପୁର ଯାଇ କି ସୁଖ ପାଇବ ନିଇତି ମରଣ ତାହାର'–** ପ୍ରବଚନଟିରେ ତିନୋଟି ମୁଖ୍ୟ ସମସ୍ୟା ବିଷୟରେ ବର୍ଣ୍ଣନା କରାଯାଇଛି । ପ୍ରଥମତଃ ପାଦ ଫାଟିଯାଇଥିବା ବ୍ୟକ୍ତିବିଶେଷ, ଦ୍ୱିତୀୟତଃ ଅଳସୁଆ ବା ଧୀରେ ଚାଲୁଥିବା ବଳଦ, ଏବଂ ତୃତୀୟତଃ ଅତି କଳହପ୍ରିୟ ବା ସଦା କଟୁ କଥା କହୁଥିବା ପତ୍ନୀ; ଯେଉଁ ବ୍ୟକ୍ତିର ଜୀବନରେ ଏହି ତିନୋଟି ପ୍ରତିକୂଳ ପରିସ୍ଥିତି ଏକାଠି ଦେଖାଦିଏ, ତା'ର ଜୀବନ ପ୍ରତିଦିନ ନର୍କ ସଦୃଶ ହୋଇଯାଏ ଏବଂ ତା' ପାଇଁ ଯମପୁର ବା ନର୍କର କଷ୍ଟ ମଧ୍ୟ କିଛି ନୂଆ ପ୍ରତୀତ ହୁଏନାହିଁ, କାରଣ ସେ ସଂସାର ଭିତରେ ହିଁ ନିତିଦିନ ମୃତ୍ୟୁର ଯନ୍ତ୍ରଣା ଭୋଗ କରିଥାଏ । ତେଣୁ, ଏକ ସୁସଂହତ ପରିବାର ଗଠନ ପାଇଁ ଗୃହ ମଧ୍ୟରେ ପାରସ୍ପରିକ ବୁଝାମଣା, ଶାନ୍ତିପୂର୍ଣ୍ଣ ବାତାବରଣ ଏବଂ ଶୃଙ୍ଖଳିତ ଆଚରଣ ଅତ୍ୟନ୍ତ ଜରୁରୀ ।

**'ମାଗିଖିଆ ଲାଗେ ନାହିଁ, ଲାଗିଖିଆ ମାଗେ ନାହିଁ'** - ପ୍ରବଚନଟି ମଣିଷକୁ ସାମାଜିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାପାଇଁ ନୀତିଶିକ୍ଷା ପ୍ରଦାନ କରେ । ମାଗିଖିଆ ଅର୍ଥାତ୍ ଯେଉଁ ବ୍ୟକ୍ତି ନିଜେ କୌଣସି ପରିଶ୍ରମ ନକରି କେବଳ ଅନ୍ୟ ଆଗରେ ହାତ ପାତି ବା ମାଗିଚାଟି ଚଳିବାକୁ ପସନ୍ଦ କରେ, ସେ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10
ବଣମଲ୍ଲୀର ମହକ
ISSN : 3108-2041

ସମାଜରେ କୌଣସି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରେ ନାହିଁ । ଲାଗିଖିଆ ଅର୍ଥାତ୍ ଯେଉଁ ବ୍ୟକ୍ତି କର୍ମଠ, ସ୍ୱାଭିମାନୀ ଏବଂ ନିଜର ପରିଶ୍ରମ ଓ ସାଧୁତା ଉପରେ ବିଶ୍ୱାସ ରଖି କାର୍ଯ୍ୟରେ ନିୟୋଜିତ ରହେ, ତାକୁ ଜୀବନରେ କେବେ ହେଲେ କାହା ଆଗରେ ହାତ ପାତିବାକୁ ବା ସାହାଯ୍ୟ ମାଗିବାକୁ ପଡ଼େ ନାହିଁ ।

**ସ୍ୱାସ୍ଥ୍ୟ ସଚେତନତା:-** ଆମର ପୂର୍ବପୁରୁଷ ବା ଗୁରୁଜନମାନେ ଦୀର୍ଘ ବର୍ଷର ଅନୁଭୂତି ଓ ଆୟୁର୍ବେଦର ସୂତ୍ରକୁ ଅତି ସରଳ ଭାଷାରେ ପ୍ରବଚନ ଆକାରରେ ପ୍ରକାଶ କରିଛନ୍ତି, ଯାହା ମଣିଷକୁ ରୋଗମୁକ୍ତ ଏବଂ ଦୀର୍ଘାୟୁ ହେବାକୁ ଦିଗଦର୍ଶନ ଦେଇଥାଏ । ଏହି ପ୍ରବଚନଗୁଡ଼ିକ ମାଧ୍ୟମରେ ଆମକୁ ସନ୍ତୁଳିତ ଖାଦ୍ୟପେୟ, ସଠିକ୍ ଦୈନନ୍ଦିନ ଚର୍ଯ୍ୟା, ସ୍ୱଚ୍ଛତା ଏବଂ ମିତାହାର କରିବା ପାଇଁ ଶିକ୍ଷା ଦିଆଯାଇଛି । ସଂସାରର ସମସ୍ତ ଧନସମ୍ପତ୍ତି ଥାଇ ମଧ୍ୟ ଯଦି ଶରୀର ଅସୁସ୍ଥ ରହେ, ତେବେ ମଣିଷ କୌଣସି ସୁଖ ଉପଭୋଗ କରିପାରେ ନାହିଁ । ତେଣୁ, ଜୀବନରେ ସୁଖୀ ଓ ଶୃଙ୍ଖଳିତ ହେବାକୁ ହେଲେ ପ୍ରଥମେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଆବଶ୍ୟକ ବୋଲି ଏହି ବାଣୀଗୁଡ଼ିକ ଆମକୁ ଚେତାଇ ଦେଇଥାନ୍ତି ।

**'ଅନ୍ତେ ତିକ୍ତ ଦନ୍ତେ ଲୁଣ, ପେଟ ପୁରିବ ତିନି କୁଣ, ମଥାରେ ପଗଡି, ପଦରେ ତେଲ ବଇଦ ସଙ୍ଗତେ କରିବ ଗେଲ'** - ଓଡ଼ିଆ ଲୋକସାହିତ୍ୟରେ ପ୍ରଚଳିତ

---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10
ବଣମଲ୍ଲୀର ମହକ
ISSN : 3108-2041

ପ୍ରବଚନଟିରେ ନିରୋଗ ରହିବାର ପାଞ୍ଚଟି ମୁଖ୍ୟ ସୂତ୍ର ବିଷୟରେ ବର୍ଣ୍ଣନା କରାଯାଇଛି । ନିୟମିତ ଭାବେ ପିତା ଜିନିଷ ଖାଇବା ଦ୍ୱାରା ପେଟ ସଫା ରହେ ଓ ଜୀବାଣୁ ମରନ୍ତି । ଲୁଣ ଦ୍ୱାରା ଦାନ୍ତ ଘଷିବା ବା କୁଳକୁଚା କରିବା ଦ୍ୱାରା ଦାନ୍ତ ଓ ମାଢ଼ି ସୁସ୍ଥ ରହେ । ସୁସ୍ଥ ରହିବା ପାଇଁ ପେଟର ତିନି ଭାଗ ଖାଦ୍ୟ ଓ ଜଳରେ ପୂର୍ଣ୍ଣ କରି ଅବଶିଷ୍ଟ ଏକ ଭାଗକୁ ବାୟୁ ଚଳାଚଳ ବା ହଜମ ପ୍ରକ୍ରିୟା ପାଇଁ ଖାଲି ରଖିବା ଉଚିତ । ମୁଣ୍ଡକୁ ପ୍ରଖର ସୂର୍ଯ୍ୟକିରଣ ଓ ଶୀତରୁ ରକ୍ଷା କରିବା ଏବଂ ଶୋଇବା ପୂର୍ବରୁ ପାଦତଳେ ତେଲ ମାଲିସ କରିବା ଦ୍ୱାରା ଶରୀର ଶୀତଳ ରହେ, ଆଖିର ଜ୍ୟୋତି ବଢ଼େ ଏବଂ ଭଲ ନିଦ ହୁଏ । ଏହି ସମସ୍ତ ନିୟମ ପାଳନ କଲେ ମଣିଷ ରୋଗମୁକ୍ତ ହୋଇ ରହେ, ଯାହା ଫଳରେ ତାକୁ କେବେ ବଇଦ ବା ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼େନାହିଁ ।

**'ଖାଇବ ସଅଳ, ଶୋଇବ ଆଗ, ଉଠିବ ସଅଳ, ଚାଲିବ ବେଗ'** - ଓଡ଼ିଆ ପ୍ରବଚନରେ ପ୍ରଚଳିତ ଏହି ସହଜ ସରଳ ସ୍ୱାସ୍ଥ୍ୟ ସୂତ୍ରଟି ମନୁଷ୍ୟକୁ ଏକ ଆଦର୍ଶ ଦୈନନ୍ଦିନ ଜୀବନଶୈଳୀ ଆପଣେଇବା ପାଇଁ ଏକ ମୂଲ୍ୟବାନ ସ୍ୱାସ୍ଥ୍ୟ ଭିତ୍ତିକ ନୀତିଶିକ୍ଷା ପ୍ରଦାନ କରେ । ଏହା ଇଂରାଜୀ ପ୍ରବାଦ "Early to bed and early to rise" ଭଳି ସୁସ୍ଥ ରହିବାର ନିୟମକୁ ବୁଝାଇଥାଏ । ଏହି ପଦରେ ଥିବା ଚାରୋଟି ସୂତ୍ର ମଧ୍ୟରୁ ରାତ୍ରି ଭୋଜନ ସୂର୍ଯ୍ୟାସ୍ତର କିଛି

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ସମୟ ମଧ୍ୟରେ ବା ଶୀଘ୍ର କରିନେବା ଉଚିତ, ଯାହାଦ୍ୱାରା ହଜମ ପ୍ରକ୍ରିୟା ସୁରୁଖୁରୁରେ ହୋଇଥାଏ । ରାତିରେ ଅଯଥା ଅନିଦ୍ରା ନହୋଇ ଶୀଘ୍ର ଶୋଇବା ଆବଶ୍ୟକ, ଯାହା ଶରୀରକୁ ସମ୍ପୂର୍ଣ୍ଣ ବିଶ୍ରାମ ଦିଏ । ସୂର୍ଯ୍ୟୋଦୟ ପୂର୍ବରୁ ଶୀଘ୍ର ଶେଯ ତ୍ୟାଗ କରିବା ଦ୍ୱାରା ମନରେ ସ୍ଫୂର୍ତ୍ତି ଆସେ ଏବଂ ସକାଳୁ ଉଠି ଦ୍ରୁତ ଗତିରେ ଭ୍ରମଣ ବା ବ୍ୟାୟାମ କରିବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ରହେ ଓ ହୃଦୟ ସୁସ୍ଥ ରହେ । ଏହି ସ୍ୱାସ୍ଥ୍ୟ ବାଣୀ ଆମକୁ ଶିକ୍ଷା ଦିଏ ଯେ, ଆଧୁନିକ ଯୁଗର ଅନିୟମିତତାକୁ ତ୍ୟାଗ କରି ସମୟାନୁବର୍ତ୍ତୀ ହେଲେ ହିଁ ମଣିଷ ରୋଗମୁକ୍ତ, ଦୀର୍ଘାୟୁ ଏବଂ କର୍ମଠ ହୋଇ ବଞ୍ଚିପାରିବ ।

**'ସଞ୍ଜେ ସକାଳେ ନିଦ ଯେ ଯାଏ, ତା ପଇସା ବଇଦ ଖାଏ'**- ପ୍ରବଚନଟି ସମୟାନୁବର୍ତ୍ତୀ ଜୀବନଶୈଳୀ, ସ୍ୱାସ୍ଥ୍ୟ ସଚେତନତାକୁ ଅତି ସୁନ୍ଦର ଭାବେ ବୁଝାଇଥାଏ । ଯେଉଁ ବ୍ୟକ୍ତିପ୍ରକୃତିର ନିୟମ ବିରୁଦ୍ଧରେ ଯାଇ ସନ୍ଧ୍ୟା ସମୟରେ ଏବଂ ସୂର୍ଯ୍ୟୋଦୟ ପରେ ଅର୍ଥାତ୍ ବହୁତ ବିଳମ୍ବରେ ସକାଳେ ଶୋଇ ରହେ, ତା'ର ସ୍ୱାସ୍ଥ୍ୟ ଅତି ଶୀଘ୍ର ଖରାପ ହୋଇଯାଏ । ସନ୍ଧ୍ୟା ସମୟ ଏବଂ ପ୍ରାତଃକାଳ ହେଉଛି ଶରୀରକୁ ସକ୍ରିୟ ଓ କର୍ମଠ ରଖିବାର ସମୟ, ମାତ୍ର ଏହି ସମୟରେ ଅଳସୁଆ ହୋଇ ଶୋଇବା ଦ୍ୱାରା ହଜମ ପ୍ରକ୍ରିୟା ବିଗିଡ଼ିଯାଏ, ମାନସିକ ଅବସାଦ ବଢ଼େ ଏବଂ ଶରୀରରେ ନାନା ପ୍ରକାର ରୋଗ ସୃଷ୍ଟି ହୁଏ ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10
ବର୍ଣ୍ଣମଲ୍ଲୀର ମହକ
ISSN : 3108-2041

**'ଖାଇ ଶୋଇଲେ ବଢଇ ଆୟୁ, ଖାଇ ଧାଇଁଲେ ବଢଇ ବାୟୁ, ଖାଇ ବସିଲେ ବଢଇ ପେଟ, ଖାଇ ଖାଇଲେ ଯମର ଭେଟ'** - ଏହି ପ୍ରସିଦ୍ଧ ପ୍ରବଚନଟି ଖାଇବା ପରେ ଶରୀରର ସଠିକ୍ ପରିଚାଳନା ବିଷୟରେ ଶିକ୍ଷା ଦିଏ । ଏହାର ଅର୍ଥ ହେଉଛି, ଖାଇବା ପରେ ସାମାନ୍ୟ ସୁସ୍ଥ ବିଶ୍ରାମ ନେଲେ ଆୟୁ ବଢ଼େ; ମାତ୍ର ତୁରନ୍ତ ଦୌଡ଼ିବା ଦ୍ୱାରା ପେଟରେ ଗ୍ୟାସ୍ ବା ବାୟୁ ସୃଷ୍ଟି ହୁଏ, ଗୋଟିଏ ସ୍ଥାନରେ ବସି ରହିଲେ ମେଦ ବା ପେଟ ବଢ଼ିଥାଏ, ଏବଂ ହଜମ ନହେଉଣୁ ବାରମ୍ବାର ଅତ୍ୟଧିକ ଖାଇଲେ ତାହା ମୃତ୍ୟୁର କାରଣ ସାଜିଥାଏ ।

**ପ୍ରବାଦରେ ନୀତିଶିକ୍ଷା -**

ପ୍ରବଚନ ପରି ପ୍ରବାଦଗୁଡିକ ମଧ୍ୟ ଆମ ଉତ୍କଳୀୟ ଜନଜୀବନର ଚଳଣି, ପରମ୍ପରା, ଆଚାର, ବିଚାରକୁ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । କିମ୍ବଦନ୍ତୀ ଏବଂ ଜନଶ୍ରୁତିକୁ ଆଧାର କରି ଏଗୁଡ଼ିକ ଗଢି ଉଠିଥିଲେ ମଧ୍ୟ ଅନ୍ତରାଳରେ ଏକ ଏକ ନୈତିକ ବାର୍ତ୍ତା ନିହିତ ହୋଇ ରହିଥାଏ । ଯାହା କି ସମସ୍ୟା ଜର୍ଜରିତ ସମାଜକୁ ସଠିକ ମାର୍ଗରେ ନେବାରେ ସାହାଯ୍ୟ କରିଥାଏ । ପ୍ରବାଦରେ ନିହିତ ନୀତିଶିକ୍ଷାଗୁଡିକୁ କେତେକ ଉଦାହରଣ ନେଇ ଆଲୋଚନା କରାଯାଇପାରେ ।

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

**'ଝିମିଟି ଖେଳରୁ ମହାଭାରତ'** - ଏହି ପ୍ରବାଦର ମୁଖ୍ୟ ନୀତିଶିକ୍ଷା ହେଉଛି ଜୀବନର ପ୍ରତିଟି କ୍ଷେତ୍ରରେ ବାଣୀ, କ୍ରୋଧ ଏବଂ ଆଚରଣ ଉପରେ ସଂଯମତା ରକ୍ଷା କରିବା । ପୁରାଣ ଅନୁସାରେ, କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଖେଳାଯାଇଥିବା ଏକ ସାଧାରଣ ପଶା ଖେଳ ଶେଷରେ ସର୍ବନାଶକାରୀ କୁରୁକ୍ଷେତ୍ର ଯୁଦ୍ଧର କାରଣ ସାଜିଥିଲା । ଏହା ସମାଜକୁ ଶିକ୍ଷା ଦିଏ ଯେ, କୌଣସି ବି ଛୋଟ କଳହ, ମଜା ବା ପ୍ରତିଯୋଗିତାକୁ ଅଯଥା ଜିଦ୍‌ରେ ପରିଣତ କରି ସୀମା ଅତିକ୍ରମ କରିବା ଅନୁଚିତ । ହସଖୁସିର ସାଧାରଣ କଥା ମଧ୍ୟ ଯଦି ଲୋଭ ଓ ଅହଂକାରରେ ଛନ୍ଦି ହୋଇଯାଏ, ତେବେ ତାହା ପରବର୍ତ୍ତୀ ସମୟରେ ମହାଭାରତ ଭଳି ଭୟଙ୍କର ରୂପ ନେଇ ସାରା ପରିବାର ବା ସମାଜର ଶାନ୍ତି ନଷ୍ଟ କରିଦିଏ ।

**'କାମ ନିମନ୍ତେ ଗଧ ପାଦ ଧରିବା'** - ପ୍ରବାଦଟି ନିଜର କୌଣସି ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ କରିବା ପାଇଁ ବେଳେବେଳେ ପରିସ୍ଥିତି ଅନୁସାରେ ନିଜଠାରୁ କମ୍ ଯୋଗ୍ୟତାସମ୍ପନ୍ନ, ମୂର୍ଖ କିମ୍ବା ଶତ୍ରୁ ସଦୃଶ ବ୍ୟକ୍ତିକୁ ମଧ୍ୟ ନମ୍ର ହୋଇ ସମ୍ମାନ ଦେବାକୁ ପଡ଼ିଥାଏ ବୋଲି ଶିକ୍ଷା ଦିଏ । ସଂସାରରେ ସବୁ ସମୟରେ କେବଳ ଶକ୍ତି ବା ଅହଂକାର ଦ୍ୱାରା କାର୍ଯ୍ୟ ହାସଲ ହୁଏନାହିଁ ।

ଜଣେ ବୁଦ୍ଧିମାନ ବ୍ୟକ୍ତି ଠିକ ଶ୍ରୀକୃଷ୍ଣଙ୍କ ପରି ନିଜର ଜରୁରୀ କାମ ସମୟରେ ଅଯଥା ଗର୍ବ ତ୍ୟାଗ କରି ସଫଳତା ପାଇଁ ନମ୍ରତା ଆପଣେଇଥାଏ ।

---

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

**'ଦାନୀ କର୍ଣ୍ଣ'** - ଓଡ଼ିଆ ସାହିତ୍ୟରେ ପ୍ରଚଳିତ ଏହି ପ୍ରବାଦଟି ମହାଭାରତର ଚରିତ୍ର ବୀର କର୍ଣ୍ଣଙ୍କ ଜୀବନ ଉପରେ ଆଧାରିତ । ଏହା ମଣିଷକୁ ତ୍ୟାଗ, ମହାନତା, ନିଃସ୍ୱାର୍ଥପରତା ଏବଂ ଦାନଶୀଳତାର ଏକ ସର୍ବଶ୍ରେଷ୍ଠ ନୀତିଶିକ୍ଷା ପ୍ରଦାନ କରେ ।

**'ଦିଲ୍ଲୀରୁ ଦୌଲତାବାଦ'** - ପ୍ରବାଦଟି ମଣିଷକୁ ଜୀବନରେ ଭୁଲ ଯୋଜନାଏବଂ ଜିଦ୍‌ର କୁପରିଣାମ ବିଷୟରେ ଏକ ମୂଲ୍ୟବାନ ନୀତିଶିକ୍ଷା ପ୍ରଦାନ କରେ । ଏହା ସୁଲତାନ ମହମ୍ମଦ ବିନ୍ ତୁଗଲକଙ୍କ ସହ ଜଡ଼ିତ, ଯିଏ କୌଣସି ଦୂରଦୃଷ୍ଟି ନରଖି କେବଳ ନିଜ ଜିଦ୍ ଯୋଗୁଁ ସାରା ଦିଲ୍ଲୀର ଜନସାଧାରଣଙ୍କୁ ନିଜ ସହ ଦୌଲତାବାଦକୁ ରାଜଧାନୀ ପରିବର୍ତ୍ତନ ପାଇଁ ବାଧ୍ୟ କରିଥିଲେ ଏବଂ ପରେ ପୁଣି ସେଠାରୁ ଦିଲ୍ଲୀ ଫେରିବାକୁ ଆଦେଶ ଦେଇଥିଲେ, ଯାହା ଫଳରେ ଅଜସ୍ର ଲୋକ ଧନଜୀବନ ହରାଇଥିଲେ । ସାମାଜିକ ଦୃଷ୍ଟିକୋଣରୁ ଏହି ବାଣୀ ଶିକ୍ଷା ଦିଏ ଯେ, ବିନା କୌଣସି ଚିନ୍ତା ବା ଯୋଜନାରେ ଅସ୍ଥିର ଚିତ୍ତ ହୋଇ ବାରମ୍ବାର ନିଷ୍ପତ୍ତି ବଦଳାଇଲେ କେବଳ ସମୟ, ଅର୍ଥ ଓ ଶ୍ରମର ଅପଚୟ ହୁଏ ।

**'ତିନି ତୁଣ୍ଡରେ ଛେଳି କୁକୁର'** - ଏହି ପ୍ରବାଦର ନୀତିଶିକ୍ଷା ହେଉଛି ସମାଜରେ ଗୁଜବ, ମିଥ୍ୟା ପ୍ରଚାର ଏବଂ କାନକୁହା କଥା ପ୍ରତି ସଦା ସତର୍କ ରହିବା । ଯଦି ଗୋଟିଏ ମିଥ୍ୟା କଥାକୁ ଅନେକ ଲୋକ ମିଶି ବାରମ୍ବାର

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ପ୍ରଚାର କରନ୍ତି, ତେବେ ଜଣେ ସରଳ ବ୍ୟକ୍ତି ନିଜ ଆଖିଦେଖା ସତ୍ୟକୁ ଛାଡ଼ି ସେହି ମିଥ୍ୟାକୁ ହିଁ ସତ ବୋଲି ବିଶ୍ୱାସ କରି ବସେ । ଏହି ବାଣୀ ଆମକୁ ଶିକ୍ଷା ଦିଏ ଯେ, ସମାଜରେ ଚଳିବା ବେଳେ କୌଣସି କଥାକୁ କେବଳ ଅନ୍ୟମାନଙ୍କ ମୁହଁରୁ ଶୁଣି ଅନ୍ଧଭାବେ ଗ୍ରହଣ କରିବା ଅନୁଚିତ । ଜଣେ ବୁଦ୍ଧିମାନ ବ୍ୟକ୍ତି ସର୍ବଦା ନିଜ ବିବେକ ପ୍ରୟୋଗ କରି ପ୍ରଥମେ ସତ୍ୟାସତ୍ୟ ଯାଞ୍ଚ କରିବା ଆବଶ୍ୟକ, ନଚେତ୍ ସେ ନିଜେ ଠକାମୀର ଶିକାର ହେବା ସହ ସମାଜରେ ଭ୍ରାନ୍ତି ସୃଷ୍ଟି ହୋଇଥାଏ । ଓଡ଼ିଆ ଲୋକକଥା ଏବଂ ପ୍ରବାଦ-ପ୍ରବଚନର ସାହିତ୍ୟିକ ପରିସର ଅତି ବ୍ୟାପକ, ବୈଚିତ୍ର୍ୟମୟ ଏବଂ ବିସ୍ତୃତ ଅଟେ । ଏହି ସମୃଦ୍ଧ ସମ୍ଭାର ମଧ୍ୟରୁ ନୀତିଶିକ୍ଷା ଓ ମୂଲ୍ୟବୋଧର ପ୍ରସଙ୍ଗ ହେଉଛି ସବୁଠାରୁ ମୁଖ୍ୟ ଦିଗ । କାରଣ ପ୍ରତ୍ୟେକ ଲୋକକଥା, ପ୍ରବଚନ, ପ୍ରବାଦ ମଧ୍ୟରେ କିଛି ନା କିଛି ନୀତିକଥା ଲୁଚି ରହିଛି;ଯାହା ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଆ ଜନଜୀବନକୁ ଶୃଙ୍ଖଳିତ କରି ରଖିଛି । ଏହି ଲୋକ-ସାହିତ୍ୟର ସବୁଠାରୁ ବଡ଼ ଚମତ୍କାରିତା ହେଉଛି ଏହାର କ୍ଷୁଦ୍ର ପ୍ରତୀକାତ୍ମକ ଶୈଳୀ । ଅତି ସ୍ୱଳ୍ପ ଶବ୍ଦ କିମ୍ବା ସରଳ ରୂପକ କାହାଣୀ ମାଧ୍ୟମରେ ଜୀବନର ବଡ଼ ବଡ଼ ଜଟିଳ ସତ୍ୟ ଓ ଗଭୀର ଦର୍ଶନକୁ ସାଧାରଣ ଲୋକଙ୍କ ଆଗରେ ଅତି ସହଜରେ କହିଦେବାର ଯେଉଁ ଅଦ୍ଭୁତ କ୍ଷମତା ଏଥିରେ ରହିଛି, ତାହା ପ୍ରକୃତରେ ଅନନ୍ୟ ଅଟେ । ବର୍ତ୍ତମାନର ଆଧୁନିକ, ଯାନ୍ତ୍ରିକ ତଥା ବସ୍ତୁବାଦୀ

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

ବଣମଲ୍ଲୀର ମହକ
ISSN : 3108-2041

ସମାଜରେ ଏହି ପାରମ୍ପରିକ ଲୋକଜ୍ଞାନର ଗୁରୁତ୍ୱ ଆହୁରି ବଢ଼ିଯାଇଛି । ଆଜିର ମଣିଷ ଯେତେବେଳେ ନିଜର ନୈତିକତା ହରାଇ ବିପଥଗାମୀ ହେଉଛି, ସେତେବେଳେ ଏହି ମାଟିର ବାଣୀ ହିଁ ତାକୁ ସତ୍‌ମାର୍ଗର ସନ୍ଧାନ ଦେଇପାରିବ । ଆଗାମୀ ଭବିଷ୍ୟତ ପିଢ଼ିକୁ ଜଣେ ଜଣେ ସଂସ୍କାରୀ, ଚରିତ୍ରବାନ ଏବଂ ସୁସ୍ଥ ନାଗରିକ ଭାବେ ଗଢ଼ିତୋଳିବା ପାଇଁ ଏହି ଲୋକ-ସାହିତ୍ୟର ସୁରକ୍ଷା ଓ ପ୍ରସାର ଏକାନ୍ତ ଜରୁରୀ ଅଟେ । ପରିଶେଷରେ ଏତିକି କୁହାଯାଇପାରେ ଯେ, ଏହି ଅମୂଲ୍ୟ ମୌଖିକ ପରମ୍ପରାର ଉଚିତ୍ ସଂରକ୍ଷଣ ଏବଂ ପୁନରୁଦ୍ଧାର ଦ୍ୱାରା ହିଁ ଆମେ ଉତ୍କଳୀୟ ଜ୍ଞାନ ପରମ୍ପରାର ପ୍ରକୃତ ଗୌରବକୁ ଅକ୍ଷୁର୍ଣ୍ଣ ରଖିପାରିବା । ଏହା ହିଁ ଆଗାମୀ ଯୁଗରେ ଏକ ନୈତିକ ଆଦର୍ଶ ସମାଜ ଗଠନ ଦିଗରେ ଓଡ଼ିଆ ଜାତି ପାଇଁ ଚିରକାଳ ପଥପ୍ରଦର୍ଶକ ସଦୃଶ କାର୍ଯ୍ୟ କରିଚାଲିବ ।

**ସହାୟକ ଗ୍ରନ୍ଥସୂଚୀ:-**

୧ - ଦାଶ, କୁଞ୍ଜବିହାରୀ, ଓଡ଼ିଆ ଲୋକଗୀତ ଓ କାହାଣୀ, ଓଡ଼ିଆ ଗବେଷଣା ବିଭାଗ, ବିଶ୍ୱଭାରତୀ, ଶାନ୍ତି ନିକେତନ, ପ୍ରଥମ ସଂସ୍କରଣ, ୧୯୫୮

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*

OCTOBER - 2026
VOL.02 - ISSUE.10

ବଣମଲ୍ଲୀର ମହକ
ISSN : 3108-2041

୨- ଦାଶ, ସର୍ବେଶ୍ୱର, ପ୍ରବାଦ ଓ ପ୍ରବଚନ ସଂକଳନ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ, ୧୯୮୫

୩ - ଦାଶ, କୁଞ୍ଜବିହାରୀ, ଲୋକଗଳ୍ପ ସଞ୍ଚୟନ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୧୯୬୪

୪ - ପ୍ରଧାନ, କୃଷ୍ଣଚନ୍ଦ୍ର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି, ବିଦ୍ୟାପୁରୀ, ବାଲୁବଜାର, କଟକ, ଅଷ୍ଟମ ସଂସ୍କରଣ, ୨୦୧୯

୫ - ମହାପାତ୍ର, ଡକ୍ଟର ପ୍ରେମାନନ୍ଦ, ଓଡିଆ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକଷ୍ଟୋର, ବିନୋଦ ବିହାରୀ, କଟକ, ଷଷ୍ଠ ସଂସ୍କରଣ, ୨୦୨୧

୬ - ମିଶ୍ର, ଡକ୍ଟର ଅଜୟ କୁମାର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି, ବିଜୟିନୀ ପବ୍ଲିକେଶନ, ଅରୁଣୋଦୟ ମାର୍କେଟ, କଟକ, ସପ୍ତମ ସଂସ୍କରଣ, ୨୦୨୪

*Copyright of the published article is held by the respective author. All articles are open access & distributed under a Creative Common Attribution-4.0 International CC BY-NC-SA 4.0*